# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 12, ISSUE NO. - 12, DATE : 01.08.2025 - 31.07.2025 FORTNIGHTLY (ODIA), BHUBANESWAR. PAGES-08

## କେବଳ ବୁଦ୍ଧି ଦ୍ୱାରା କେହି ବିପ୍ଳବୀ ହୁଅନ୍ତି ନାହିଁ - କମ୍ରେଡ୍ ଶିବଦାସ ଘୋଷ



*(୧୯୭୪ ମସିହା ଫେବୃୟାରୀ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କଲିକତା ଜିଲ୍ଲା କମିଟି ଉଦ୍ୟୋଗରେ ସ୍ଥାନୀୟ ମହାଜାତି ସଦନଠାରେ ଦଳର ନେତା ଓ କର୍ମୀମାନଙ୍କ ଏକ ରାଜନୈତିକ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଦଳର ସାଧାରଣ ସଂପାଦକ, ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ୍ ଶିବଦାସ ଘୋଷ ଏହି ଶିକ୍ଷା ଶିବିରକୁ ପରିଚାଳନା କରିଥିଲେ। ମହାନ ନେତାଙ୍କ ଜନ୍ମ ଶତବର୍ଷ ଉପଲକ୍ଷେ ଏହି ଶିକ୍ଷାଶିବିରରେ ତାଙ୍କର ଆଲୋଚନା ଭିତ୍ତିରେ 'ବିପ୍ଳବୀ ଜୀବନ ହିଁ ସର୍ବାପେକ୍ଷା ମର୍ଯ୍ୟାଦାମୟ' ଶିରୋନାମାରେ ଏକ ପୁସ୍ତିକା ପ୍ରକାଶିତ ହୋଇଥିଲା। ଚଳିତ ବର୍ଷ ୫ଅଗଷ୍ଟ କମ୍ରେଡ୍ ଶିବଦାସ ଘୋଷଙ୍କ ୫୦ତମ ମୃତ୍ୟୁ ଦିବସ ଉପଲକ୍ଷେ ସେହି ପୁସ୍ତିକାର ନିର୍ବାଚିତ ଅଂଶ ସର୍ବହରା କ୍ରାନ୍ତିର ଅଗଷ୍ଟ ୧ ସଂଖ୍ୟାରେ ପ୍ରକାଶ କରାଯାଇଛି। ଆଶା କରୁଛୁ ସମାଜର ବୈପ୍ଳବିକ ପରିବର୍ତ୍ତନ ପାଇଁ ସଂଗ୍ରାମରତ ବିପ୍ଳବୀ ଯୋଦ୍ଧା ତଥା ସର୍ବହରା କ୍ରାନ୍ତିର ପାଠକମାନଙ୍କ ପାଇଁ ପୁସ୍ତିକାର ଏହି ଉଦ୍ଧୃତାଂଶଟି ଅତ୍ୟନ୍ତ ଉପାଦେୟ ହେବ। ସଂପାଦକ-ସର୍ବହରା କ୍ରାନ୍ତି)*

କେବଳ ବୁଦ୍ଧି ଦ୍ୱାରା କେହି ବିପ୍ଳବୀ ହୋଇ ପାରନ୍ତି ନାହିଁ। ବୁଦ୍ଧି ଏବଂ ହୃଦୟାବେଗ, ବୁଦ୍ଧି ଏବଂ ମନ, ବୁଦ୍ଧି ଏବଂ ନୀତି-ସଂସ୍କୃତି ଆଦିକୁ ନିଜର ସମସ୍ତ ଜୀବନ ସହିତ ମିଶାଇ ଦେବାକୁ ହେବ। ମିଶାଇ ନପାରିଲେ କେହି ବିପ୍ଳବୀ ହୋଇ ପାରିବେ ନାହିଁ। ପୁଣି ବିପ୍ଳବୀ ହେବା ପରେ ମଧ୍ୟ ବିପ୍ଳବୀର ଅନେକ ସ୍ତର ଅଛି। ତା'ହେଲା, ବିପ୍ଳବୀ ସଂଗ୍ରାମର ପଥରେ ଅଭିଜ୍ଞତା ଓ ଜ୍ଞାନରେ ସମୃଦ୍ଧ କ୍ଷମତାଶାଳୀ ସ୍ତର। ଏହା ହିଁ ବିପ୍ଳବୀ ହେବାର ସ୍ତର। ମୁଁ ବିପ୍ଳବୀ ସଂଗ୍ରାମର ପ୍ରକ୍ରିୟାରେ ସଚେତନଭାବେ କ୍ରିୟା କରୁଛି। ଏହାର ଅର୍ଥ I am actively engaged in the struggle of the masses for justice against injustice (ଅନ୍ୟାୟ ବିରୁଦ୍ଧରେ ନ୍ୟାୟ ପ୍ରତିଷ୍ଠା ପାଇଁ ଜନସାଧାରଣଙ୍କ ସଂଗ୍ରାମରେ ମୁଁ ସକ୍ରିୟଭାବେ ସାମିଲ)। ଜଣେ ସଚେତନ କର୍ମୀ, ଯିଏ ଏତେ କିଛି ନବୁଝିଲେ ମଧ୍ୟ, ବିଦ୍ୟାବୁଦ୍ଧି ସେଭଳି ନଥିଲେ ମଧ୍ୟ ବିପ୍ଳବ ପାଇଁ ଯେକୌଣସି ସଂଗ୍ରାମ କରିବାର ପ୍ରତିଜ୍ଞା ନେଇ ପାର୍ଟିର ଦାୟଦାୟିତ୍ୱ ଗ୍ରହଣ କରିଛନ୍ତି, ବିଦ୍ୟାବୁଦ୍ଧିସମ୍ପନ୍ନ କମ୍ରେଡ୍‌ମାନେ ମଧ୍ୟ ତାଙ୍କର ଶ୍ରେଷ୍ଠତ୍ୱ ମାନିନେବେ। ଏହି ଦୁଇ ଜଣ ଦୁଇ ଦିଗରୁ ଯଦି ଏହାକୁ ମାନି ନିଅନ୍ତି, ଏକମାତ୍ର ସେତେବେଳେ ହିଁ କାମ ସୁଶୃଙ୍ଖଳିତଭାବେ ଚାଲିପାରେ। ସୁତରାଂ, ଯେଉଁ କମ୍ରେଡ୍ ଜଣକ ପ୍ରଶ୍ନ କରିଥିଲେ, ବିପ୍ଳବ ବିନା ହେବ ନାହିଁ ବୋଲି ବୁଝେ, ଅଥଚ ଏସବୁ ମୁଁ ତ କରିପାରେନା। ପ୍ରକୃତରେ ବିପ୍ଳବୀ ହେବା ପାଇଁ ଯେଉଁ ମୌଳିକ ଦିଗଗୁଡ଼ିକର କଥା କହିଲି- ଯେଉଁ ପ୍ରଶ୍ନଗୁଡ଼ିକ ସ୍ପଷ୍ଟଭାବେ ସେମାନଙ୍କ ସମ୍ମୁଖରେ ରହିବା ଦରକାର ଯାହା ମଧ୍ୟରେ ତତ୍ତ୍ୱର ଏତେ ଝଞ୍ଜଟ ନାହିଁ, ଅଥବା ଏତେ ଆଲୋଚନା କରିବାର କିଛି ନାହିଁ, ସିଧାସଳଖ କହିବାକୁ ହେବ, ମୁଁ ପାରେ କି ପାରେନା। ଏହି ପାରେନା ମଧ୍ୟରେ ଯଦି ମୋର ବୁଝିବାରେ କିଛି ଗଣ୍ଡଗୋଳ ଥାଏ ତେବେ ମୁଁ ବୁଝିନେବି।

ଅନେକ କର୍ମୀଙ୍କର ଖୁବ ଆବେଗ ଥାଏ। ପ୍ରଥମେ ଯେତେବେଳେ ସେମାନେ ବୁଝନ୍ତି ଯେ, କିଛି ଗୋଟେ କରିବା ଦରକାର, I should do something, ମୁଁ କିଛି କରିବି। ଏହିଭଳି ଏକ fresh mind (ସତେଜ ମନ) ନେଇ ପ୍ରଥମେ ଆସନ୍ତି। ଏଠି ବହୁ ଝଡ଼ଝଞ୍ଜା, ଘାତପ୍ରତିଘାତ ଅଛି। ସେ ଆସି ପ୍ରବଳ ଉତ୍ସାହରେ ଅଳୀକ କଳ୍ପନା କଲେ ଯେ, ମୁଁ ଖୁବ୍ ଉତ୍ସାହର ସହିତ ଆରମ୍ଭ କରିବା ସଙ୍ଗେ ସଙ୍ଗେ ହିଁ ଜନଗଣ ସମର୍ଥନ ଦେବା ଆରମ୍ଭ କରିଦେବେ। ଆଉ ଏହି ସମର୍ଥନ ନପାଇଲେ ହିଁ ହତାଶା ଆସେ। ପ୍ରକୃତରେ କାମ କରିବା ସଙ୍ଗେ ସଙ୍ଗେ ବୁଝିବା ସ୍ତରକୁ ମଧ୍ୟ ଉନ୍ନତ କରିବାକୁ ହୁଏ। ମୁଁ କାମ କରିଯାଉଛି, ଏହା ବଡ଼ କଥା ନୁହେଁ। ମୁଁ ଯଥାର୍ଥରେ ଜନଗଣଙ୍କର ଏକ ଅଂଶର ନେତା ହୋଇ ପାରିଛି କି ନାହିଁ- ଜନଗଣଙ୍କର ଯେଉଁ ଅଂଶ ମୋ ମୁହଁକୁ ଚାହିଁ ବସିଛନ୍ତି। ମୋର ନିଜର ଯାହା କିଛି ଦୁଃଖ ବେଦନା, କଷ୍ଟ, ସୁବିଧା-ଅସୁବିଧା ଥାଉ ନା କାହିଁକି, ମୋର ଆତ୍ମମର୍ଯାଦା ପାଇଁ, ସେମାନଙ୍କ ନିକଟରେ ମୋର ସମ୍ଭ୍ରମ, ସମ୍ମାନ ରକ୍ଷା ପାଇଁ ସେମାନଙ୍କ ପାଇଁ କିଛି ନକରି ମୋର ଉପାୟ ନାହିଁ। ମୋ ମଥା ନଇଁଯିବ। ମୁଁ ଏହିଭଳିଭାବେ ସେମାନଙ୍କ ନିକଟରେ ପ୍ରତିଷ୍ଠିତ। ମୁଁ ସେମାନଙ୍କୁ ଘରଦ୍ୱାର ଛଡ଼ାଇଛି। ମୁଁ ସେମାନଙ୍କୁ ଅନେକ କଥା କହି ଉଦ୍‌ବୁଦ୍ଧ କରି ସଂଗ୍ରାମ ପଥରେ ନେଇ ଆସିଛି। ସେମାନେ ମୋ ମୁହଁ ଚାହିଁ ବସିଛନ୍ତି। ନିଜକୁ ହତାଶାରୁ ମୁକ୍ତ କରିବାର ଗ୍ୟାରେଣ୍ଟି ଭାବେ ଏହି ଅବସ୍ଥା ସୃଷ୍ଟି ହୋଇଛି।

ପ୍ରଥମ ଅବସ୍ଥାରେ ଯେଉଁ ଆବେଗ ଥାଏ, ପରବର୍ତ୍ତୀ ସମୟରେ ସେତେଟା ରହେ ନାହିଁ କାହିଁକି, ଏହା ବୁଝିବାରେ କଣ ଏତେ ଜଟିଳତା ଅଛି ? ଏହି କାରଣରୁ ରହେ ନାହିଁ ଯେ, ପ୍ରଥମେ ଯେତେବେଳେ ଆସନ୍ତି ସେତେବେଳେ ସେ ଏକ ଉପରଠାଉରିଆ କଳ୍ପନା, ଏକ ରୋମାଣ୍ଟିକ୍ ଆବେଗ ନେଇ ଆସନ୍ତି। ପରେ କଠିନ ବାସ୍ତବତାର ମୁହାଁମୁହିଁ ହୋଇ ସେ ଆଘାତ ପାଇ ଚାଲନ୍ତି। ତାଙ୍କର ଲଢ଼େଇର ଶକ୍ତିକୁ ଯଦି ସେ କ୍ରମାଗତ ସେଭଳି ବଢାଇ ନପାରନ୍ତି, ତାହେଲେ ସେହି ଆବେଗରେ ଭଟ୍ଟା ପଡ଼ିବ। ଦୁଇଟି ଶକ୍ତି- ଗୋଟିଏ ତାଙ୍କର ସାଂଗଠନିକ ଶକ୍ତି, ଜନଗଣଙ୍କ ମଧ୍ୟରେ ରହିବା, ସେମାନଙ୍କୁ ସଂଗଠିତ କରିବା, ସେମାନଙ୍କୁ ଲିଡ୍ (ନେତୃତ୍ୱ ଦେବାର) କରିବାର ଶକ୍ତି; ଆଉ ଗୋଟିଏ ହେଲା ତାଙ୍କର ଆଦର୍ଶ ଏବଂ ଚେତନାର ସ୍ତରକୁ କ୍ରମାଗତ ଉନ୍ନତ କରିବା। ଏହି ଦୁଇଟି ବିଷୟକୁ ଯଦି ସେ ଏକା ସାଙ୍ଗରେ ତାଳେ ତାଳେ ବଢ଼ାଇ ନପାରନ୍ତି ତା'ହେଲେ ତାଙ୍କ ମଧ୍ୟରେ ଭଟ୍ଟା ଆସିବ। ଏମିତି ନୁହେଁ ଯେ ସମସ୍ତଙ୍କର ହିଁ ଭଟ୍ଟା ପଡେ। ତାହେଲେ ଏହା ଏକ ବିଚାର୍ଯ୍ୟ ବିଷୟ

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

## ସୌମ୍ୟାଶ୍ରୀଙ୍କ ମର୍ମାନ୍ତିକ ମୃତ୍ୟୁ - ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରୁଥିବା କେତୋଟି ପ୍ରଶ୍ନ।

ଓଡିଆ ଅସ୍ମିତା, ନାରୀ ସୁରକ୍ଷା ଓ ପରିବର୍ତ୍ତନର ସ୍ଲୋଗାନ ଦେଇ ଗତ ରାଜ୍ୟ ବିଧାନସଭା ନିର୍ବାଚନରେ ରାଜ୍ୟରେ କ୍ଷମତାସୀନ ହୋଇଥିବା ବିଜେପି ସରକାର ଇତିମଧ୍ୟରେ କ୍ଷମତାରେ ଏକ ବର୍ଷ ପୂରଣ କରିଛି। ଏହି ଏକ ବର୍ଷ ମଧ୍ୟରେ ରାଜ୍ୟ ବିଜେପି ସରକାରର ଅସଲ ମୁଖା ଖୋଲିଯାଇଛି ଏବଂ ଏହାର ଜନବିରୋଧୀ ଚରିତ୍ର ନଗ୍ନ ଭାବରେ ପ୍ରକଟିତ ହେବାରେ ଲାଗିଛି। ଦରଦାମ ବୃଦ୍ଧି, ବେକାରୀ, ନାରୀ ନିର୍ଯ୍ୟାତନା, ଅପସଂସ୍କୃତିର ପ୍ରଚାର ପ୍ରସାର ଆଜି ଆକାଶଛୁଆଁ ହୋଇଛି। ବିଶେଷକରି ମହିଳା ଓ ଛାତ୍ରୀମାନଙ୍କ ଉପରେ ଅତ୍ୟାଚାର, ବଳାତ୍କାର, ଗଣବଳାତ୍କାର ଓ ହତ୍ୟା ଘଟଣା ଦ୍ରୁତ ବଢି ଚାଲିଛି। ନିକଟରେ କେନ୍ଦ୍ର ସରକାରଙ୍କ ସଂସ୍ଥା ଏନ୍‌ସିଆରବି(National Crime Records Bureau) ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ ଛାତ୍ରୀ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାର କ୍ଷେତ୍ରରେ ଜନସଂଖ୍ୟାର ଆନୁପାତିକ ହାର ଅନୁଯାୟୀ ବିଚାରକଲେ ଓଡିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି। ଚଳିତ ବର୍ଷ ମାର୍ଚ୍ଚ ମାସରେ ବିଧାନ ସଭାରେ ରାଜ୍ୟ ସରକାରଙ୍କ ତରଫରୁ ଉପସ୍ଥାପିତ ଶ୍ୱେତପତ୍ର ଅନୁଯାୟୀ କେବଳ ୨୦୨୪ ମସିହାରେ ରାଜ୍ୟରେ ୩୦୫୪ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା। ଗତ ୬ବର୍ଷର ଏ ସଂପର୍କିତ ପରିସଂଖ୍ୟାନରୁ ଜଣାଯାଇଛି ଯେ ରାଜ୍ୟରେ ପ୍ରତ୍ୟେକ ଦିନ ଅନ୍ତତଃ ୮ଟି ଦୁଷ୍କର୍ମ ମାମଲା ରୁଜୁ ହେଉଛି। କହିବା ବାହୁଲ୍ୟ ମାମଲା ରୁଜୁ ହେଉନଥିବା ଏହି ଧରଣର ଘଟଣା ସଂଖ୍ୟା ଏହାର ବହୁଗୁଣ। ରାଜ୍ୟରେ ଏହିଭଳି ଭାବରେ ମହିଳାମାନଙ୍କ ଉପରେ ନିର୍ଯ୍ୟାତନା ଘଟଣା ବଢି ଚାଲିଥିଲାବେଳେ ଜୁଲାଇ ୧୨ତାରିଖରେ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ୍ ଦ୍ୱିତୀୟବର୍ଷ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମର୍ମନ୍ତୁଦ ମୃତ୍ୟୁ ଘଟଣା ସମଗ୍ର ରାଜ୍ୟକୁ ଦୋହଲାଇ ଦେଇଛି। ସୌମ୍ୟାଶ୍ରୀଙ୍କର ଦୁର୍ଭାଗ୍ୟଜନକ ମୃତ୍ୟୁ ରାଜ୍ୟର ଶୁଭବୁଦ୍ଧି ସଂପନ୍ନ ଦରଦୀ ହୃଦୟର ମଣିଷଙ୍କ ମନରେ ଗଭୀର ପୀଡା ଦେଇଛି ଏବଂ ଏହା ସହିତ ବହୁ ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି କରିଛି।

ଜୁଲାଇ ୧୨ତାରିଖ ଦିନ ସ୍ୱଷ୍ଟ ଦିବାଲୋକରେ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ନ୍ୟାୟପାଇଁ ଦୀର୍ଘ ୪ମାସ ଧରି ସମସ୍ତ ପ୍ରକାର ଉଦ୍ୟମ କରି ଅସଫଳ ହେବାପରେ ସୌମ୍ୟାଶ୍ରୀ ବିଶି କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମଦାହ କରିଛନ୍ତି। ପେଟ୍ରୋଲ ନିଆଁରେ ଶତକଡା ୯୦ଭାଗରୁ ଅଧିକ ଜଳିଯାଇଥିବା ସୌମ୍ୟାଶ୍ରୀ ଭୁବନେଶ୍ୱର ଏଆଇଆଇଏମ୍‌ଏସ୍‌ରେ ମୃତ୍ୟୁ ସହିତ ଦୁଇଦିନ ସଂଗ୍ରାମ କରି ୧୪ ତାରିଖ ମଧ୍ୟରାତ୍ରୀରେ ଦୁଃଖଦ ମୃତ୍ୟୁ ବରଣ କରିଛନ୍ତି। ଏହି ହୃଦୟ ବିଦାରକ ଘଟଣା ସମଗ୍ର ରାଜ୍ୟରେ ଗଭୀର ଶୋକର ଲହରୀ ଖେଳାଇ ଦେଇଛି ଏବଂ ପ୍ରବଳ ଜନରୋଷ ସୃଷ୍ଟି କରିଛି।

ମୃତ୍ୟୁପୂର୍ବରୁ ତାଙ୍କ ପ୍ରତି କରାଯାଉଥିବା ଯୋଜନାବଦ୍ଧ ଅବିଚାର ଓ ଉତ୍ପୀଡନ ସଂପର୍କରେ ସୌମ୍ୟାଶ୍ରୀ କଲେଜ ଅଧ୍ୟକ୍ଷଙ୍କ ସମେତ ଜିଲ୍ଲାପାଳ, ଏସ୍‌ପି, ସ୍ଥାନୀୟ ବିଧାୟକ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବରେ ଜଣାଇଥିଲେ। ଏହାବ୍ୟତୀତ ମୃତ୍ୟୁର ୭ଦିନ ପୂର୍ବରୁ ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀଙ୍କୁ ମଧ୍ୟ ବ୍ୟକ୍ତିଗତ ଭାବରେ ସାକ୍ଷାତ କରି ସେ ତାଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ସୌମ୍ୟାଶ୍ରୀଙ୍କ ଅଭିଯୋଗ ଅନୁଯାୟୀ କଲେଜର ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ପଢାପଢିରେ ସହାୟତା କରିବା ପ୍ରତିବଦଳରେ ତାଙ୍କୁ 'ଅନୁଗୃହୀତ' କରିବାପାଇଁ ପରୋକ୍ଷରେ ସୌମ୍ୟାଶ୍ରୀଙ୍କୁ

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

**ଭିତର ପୃଷ୍ଠାରେ**

★ ବିହାର ନିର୍ବାଚନ ପୂର୍ବରୁ ଭୋଟର ଲିଷ୍ଟର ସଘନ ଯାଂଚ ପଛଦ୍ୱାର ବାଟେ ଏନ୍‌ଆରସି ଲାଗୁ କରିବାର ଉଦ୍ୟମ ବ୍ୟତୀତ ଅନ୍ୟ କିଛି ନୁହେଁ।

★ ସମଗ୍ର ବିଶ୍ୱ ବୁଲି ବୁଲି 'ବିଶ୍ୱଗୁରୁ', ଜଣେ ବି ସମର୍ଥକ ଖୋଜି ପାଉନାହାନ୍ତି

# ବିହାର ନିର୍ବାଚନ ପୂର୍ବରୁ ଭୋଟର ଲିଷ୍ଟର ସଘନ ଯାଂଚ ପଛଦ୍ୱାର ବାଟେ ଏନ୍‌ଆରସି ଲାଗୁ କରିବାର ଉଦ୍ୟମ ବ୍ୟତୀତ ଅନ୍ୟ କିଛି ନୁହେଁ

ମାତ୍ର ୨୮ଦିନ ମଧ୍ୟରେ ବିହାରର ପ୍ରାୟ ୭କୋଟି ୫୦ ଲକ୍ଷ ଭୋଟରଙ୍କର ବିଶେଷ ଓ ସଂଘନ ଯାଂଚ (Special Intensive Revision-SIR) ପ୍ରକ୍ରିୟା ଶେଷ କରିବା ଭଳି ଗୋଟିଏ ଅବାସ୍ତବ କର୍ମସୂଚୀ ଭାରତର ନିର୍ବାଚନ କମିଶନ ବିହାର ଜନସାଧାରଣଙ୍କ ଉପରେ ଲଦି ଦେଇଛି। ଦେଶର ମୁଖ୍ୟ ନିର୍ବାଚନ କମିଶନ କିଛି ଦିନ ପୂର୍ବରୁ ସଗର୍ବେ ଘୋଷଣା କରିଥିଲେ ଯେ ଏହା ହେଉଛି 'ନୂତନ ନିର୍ବାଚନ କମିଶନ'। ସଂପ୍ରତି ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭକରି ବିଜେପି ଦଳର ଛୋଟ କାଟର ନେତାଙ୍କ ପର୍ଯ୍ୟନ୍ତ ଆଜିର ଭାରତ 'ଏକ ନୂଆ ଭାରତ' ବୋଲି କହୁଥିବା ପ୍ରାୟ ଶୁଣିବାକୁ ମିଳୁଛି। ରାଜନୈତିକ ନେତାମାନଙ୍କର ଏହି କଥା ସହିତ ଦେଶର ମୁଖ୍ୟ ନିର୍ବାଚନ କମିଶନଙ୍କ କଥାଟା ମେଳ ଖାଉଛି। ପାଠକମାନଙ୍କୁ ସ୍ମରଣ କରାଇ ଦେବାକୁ ଚାହୁଁ ଯେ ବର୍ତ୍ତମାନ ନିର୍ବାଚନ କମିଶନ ମାନଙ୍କ ନିଯୁକ୍ତି ପ୍ରକ୍ରିୟା କେନ୍ଦ୍ର ସରକାରଙ୍କର କୁକ୍ଷିଗତ ହୋଇଛି। କେନ୍ଦ୍ର ବିଜେପି ସରକାର ଆଇନ ପ୍ରଣୟନ କରି ନିର୍ବାଚନ କମିଶନମାନଙ୍କ ଚୟନ କମିଟିରୁ ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତିଙ୍କୁ ବାଦ ଦେଇଛନ୍ତି। ନିକଟ ଅତୀତରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ନିର୍ବାଚନ କମିଶନ ମାନଙ୍କର ନିର୍ବାଚନ ପରିଚାଳନ କ୍ଷେତ୍ରରେ ପକ୍ଷପାତିତା ଓ ଶାସକ ଦଳର ସ୍ୱାର୍ଥରକ୍ଷାକାରୀ ନିଷ୍ପତ୍ତି ନିର୍ବାଚନ କମିଶନର ନିରପେକ୍ଷତା ସଂପର୍କରେ ଗୁରୁତର ପ୍ରଶ୍ନ ଉତ୍‌ଥାପନ କରିଛି। ବିଶେଷ କରି ଗତ ହରିଆନା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭୋଟର ତାଲିକାରେ ଜାଲିଆତି, ଇଭିଏମ୍‌ରେ ହେରଫେର ଓ ଭୋଟ ଗଣତି ସମୟରେ ଅସ୍ୱଚ୍ଛ ପ୍ରକ୍ରିୟା ଗ୍ରହଣ କରାଯିବା ଫଳରେ ଦେଶର ନିର୍ବାଚନ ଆୟୋଗର ନିରପେକ୍ଷତା ସଂପର୍କରେ ବହୁ ଗୁରୁତର ପ୍ରଶ୍ନ ଉଠିଛି। ଏପରିକି ଗତ ୫ବର୍ଷ ମଧ୍ୟରେ ମହାରାଷ୍ଟ୍ରରେ ଯେତେ ସଂଖ୍ୟକ ନୂଆ ଭୋଟର ତାଲିକାରେ ଯୁକ୍ତ ହୋଇଥିଲେ ଗତ ସାଧାରଣ ନିର୍ବାଚନର ମାତ୍ର ୫ ମାସ ମଧ୍ୟରେ ତାଠାରୁ ଅଧିକ ସଂଖ୍ୟକ ନାମ ଭୋଟର ତାଲିକାରେ ଯୁକ୍ତ ହୋଇଛି। ନୂଆକରି ଭୋଟର ତାଲିକାରେ ଯୋଗ କରାଯାଇଥିବା ଏହି ଜାଲ ଭୋଟର ମାନଙ୍କ ଭୋଟ ପାଇ ମହାରାଷ୍ଟ୍ରରେ ବିଜେପି ମେଣ୍ଟ ଜୟଯୁକ୍ତ ହୋଇଛି ବୋଲି ଗୁରୁତର ଅଭିଯୋଗ ଆସୁଛି। ପ୍ରଶ୍ନ ହେଉଛି ମାତ୍ର ୫ମାସ ମଧ୍ୟରେ ଏତେ ବିପୁଳ ସଂଖ୍ୟକ ଭୋଟର କେଉଁଠୁ ଆସିଲେ? ଏପର୍ଯ୍ୟନ୍ତ ନିର୍ବାଚନ କମିଶନ କୌଣସି ଗୋଟିଏ ନିର୍ବାଚନ ଜାଲିଆତି ସଂପର୍କିତ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇନାହିଁ। ଏହି ପୃଷ୍ଠଭୂମିରେ ବିହାର ବିଧାନସଭା ନିର୍ବାଚନର ମାତ୍ର ୨/୩ ମାସ ପୂର୍ବରୁ ଏହି ଧରଣର ଭୋଟର ତାଲିକା ସଂଶୋଧନ ନିର୍ବାଚନ କମିଶନର ଅସଲ ଉଦ୍ଦେଶ୍ୟ ସଂପର୍କରେ ଅତ୍ୟନ୍ତ ଗୁରୁତର ପ୍ରଶ୍ନ ଉତ୍‌ଥାପନ କରୁଛି।

ଏହି ଧରଣର ପ୍ରଶ୍ନ ଉଠିବା ସ୍ୱାଭାବିକ। କାରଣ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଜନ୍ମ ପ୍ରମାଣ ପତ୍ର, ପାସପୋର୍ଟ, ମ୍ୟାଟ୍ରିକ ସାର୍ଟିଫିକେଟ, ସରକାରଙ୍କ ଦ୍ୱାରା ଜାରୀ କରାଯାଇଥିବା ପରିଚୟ ପତ୍ର, ପେନସନ ପାଉଥିବା ପ୍ରମାଣପତ୍ର, ସ୍ଥାୟୀ ବାସସ୍ଥାନ ସାର୍ଟିଫିକେଟ୍, ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ମିଳିଥିବା ଜଙ୍ଗଲ ଅଧିକାର ସାର୍ଟିଫିକେଟ୍, ଅନୁସୂଚୀତ ଜାତି, ଜନଜାତି ଓ ଓବିସି ମାନଙ୍କର ଜାତି ସାର୍ଟିଫିକେଟ, ଏନ୍‌ଆରସି ସାର୍ଟିଫିକେଟ୍, ପଂଚାୟତ ଦ୍ୱାରା ଜାରୀ କରାଯାଇଥିବା ପରିବାର ପଞ୍ଜିକା(ଫ୍ୟାମିଲି ରେଜିଷ୍ଟର), ସରକାରଙ୍କ ଦ୍ୱାରା ଜମି ବା ଘର ଆବଣ୍ଟନ ପ୍ରମାଣପତ୍ର, ୧୯୮୭ ମସିହା ପୂର୍ବରୁ ଜାରୀ କରାଯାଇଥିବା ସରକାର କିମ୍ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ପକ୍ଷରୁ ଜାରୀ କରାଯାଇଥିବା ପରିଚୟ ପତ୍ର ଦାଖଲ କରିପାରିଲେହିଁ ଜଣେ ବ୍ୟକ୍ତିଙ୍କ ନାମ ଭୋଟର ଲିଷ୍ଟରେ ରହିବ। ଭୋଟର ଲିଷ୍ଟରେ ନାମ ରହିବା ପାଇଁ ଜନ୍ମ ସ୍ଥାନ ଓ ଜନ୍ମ ତାରିଖର ପ୍ରମାଣ ସ୍ୱରୂପ ଆଧାର କାର୍ଡ, ଭୋଟର କାର୍ଡ, ପ୍ୟାନ କାର୍ଡ, ମନରେଗା ଜବ କାର୍ଡ, ରେସନ କାର୍ଡ, ସରକାରୀ ବ୍ୟାଙ୍କ ପାଶବହି ଭଳି ଅଧିକାଂଶ ଲୋକଙ୍କ ପାଖରେ ଥିବା ପ୍ରମାଣପତ୍ର ଗ୍ରହଣଯୋଗ୍ୟ ହେବ ନାହିଁ। ଏସବୁକୁ ପ୍ରମାଣ ଭାବରେ ଗ୍ରହଣ କରିବାପାଇଁ ସୁପ୍ରିମ କୋର୍ଟର ସୁପାରିଶକୁ ମଧ୍ୟ ନିର୍ବାଚନ କମିଶନ ଅସ୍ୱୀକାର କରିଛି। କେବଳ ମାତ୍ର ନିର୍ବାଚନ କମିଶନ ଦ୍ୱାରା ସ୍ଥିର କରାଯାଇଥିବା ଉପରୋକ୍ତ ୧୧ଟି ପ୍ରମାଣପତ୍ର ବ୍ୟତୀତ ଅନ୍ୟକୌଣସି ପ୍ରମାଣପତ୍ର ଗ୍ରହଣୀୟ ହେବ ନାହିଁ। ଅର୍ଥାତ୍ ଏହି ୧୧ଟିରୁ ଯଦି ଯେକୌଣସି ଗୋଟିଏ ପ୍ରମାଣପତ୍ର ଥାଏ ତାହେଲେ ସଂପୃକ୍ତ ବ୍ୟକ୍ତିଙ୍କର ନାମ ଭୋଟର ତାଲିକାରେ ରହିବ ତା ନହେଲେ ତାଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯିବ।

ଜୁନ ୨୪ତାରିଖ ରାତିରେ ଦେଶର ମୁଖ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ଏହି ନିର୍ଦ୍ଦେଶ ଜାରୀ ହେବା ପରେ ଜୁନ ୨୫ ତାରିଖରୁ ବୁଥସ୍ତରୀୟ ଅଫିସର(BLO)ମାନେ ଘର ଘର ବୁଲି ଭୋଟର ଲିଷ୍ଟ ଯାଂଚ ପାଇଁ ନିର୍ବାଚନ କମିଶନ ପକ୍ଷରୁ ଜାରୀ କରାଯାଇଥିବା ଯାଂଚ ଫର୍ମ ବଣ୍ଟନ କରୁଛନ୍ତି ବୋଲି ଦାବି କରାଯାଉଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ବୁଥ ସ୍ତରୀୟ ଅଫିସର ମାନେ ପ୍ରତ୍ୟେକ ଭୋଟରଙ୍କ ପାଖକୁ ୨୮ ଦିନ ମଧ୍ୟରେ ୩ଥର ଯିବେ। ଆବଶ୍ୟକ ପ୍ରମାଣପତ୍ର ସହିତ ଫର୍ମ ପୂରଣ କରି ଆଣିବେ ଏବଂ ତାକୁ ଅପଲୋଡ କରିବେ। ଏହା ଯେ ଅସମ୍ଭବ ସେକଥା ଜଳ ଜଳ ଦିଶୁଛି। ଏହି ବିଏଲ୍‌ଓ ମାନେ ହେଉଛନ୍ତି ପ୍ରାଥମିକ ସ୍କୁଲ ଶିକ୍ଷକ। ସୁତରାଂ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଯାଇ ମାସେ କାଳ ସମଗ୍ର ବିହାରରେ ପ୍ରାଥମିକ ସ୍କୁଲରେ ତାଲା ପଡିଛି। ତେବେ ନିର୍ବାଚନ କମିଶନର ସମସ୍ତ ଦାବି ସତ୍ତ୍ୱେ ଫର୍ମ ଯାଂଚରେ ବ୍ୟାପକ ଜାଲିଆତି ଘଟଣା ବର୍ତ୍ତମାନ ପ୍ରମାଣିତ। ଉପରୋକ୍ତ ୧୧ଟି ମଧ୍ୟରୁ ଯେକୌଣସି ଗୋଟିଏ ପ୍ରମାଣପତ୍ର ସହିତ ସମସ୍ତ ଭୋଟର ଜୁଲାଇ ୩୦ ତାରିଖ ସୁଦ୍ଧା ଏହି ଫର୍ମ ପୂରଣ କରିବେ ଏବଂ ବିଏଲ୍‌ଓ ମାନେ ତୃତୀୟଥର ପାଇଁ ପ୍ରତ୍ୟେକ ଭୋଟରଙ୍କ ପାଖକୁ ଯାଇ ଏହି ଫର୍ମ ଆଣି ଅପଲୋଡ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏହା ଫଳରେ ବିହାରର ସହରଠାରୁ ଆରମ୍ଭକରି ନିପଟ ମଫସଲ ପର୍ଯ୍ୟନ୍ତ ଆତଙ୍କଜନକ ପରିସ୍ଥିତି ସୃଷ୍ଟି ହୋଇଛି। ସମସ୍ତ ସ୍ତରର ଜନସାଧାରଣ, ବିଶେଷକରି ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ଜନଗୋଷ୍ଠୀର ବିରାଟ ଅଂଶର ଜନସାଧାରଣଙ୍କ ନାମ ଭୋଟର ତାଲିକାରୁ ବାଦ ପଡିବାର ଆଶଂକା ସୃଷ୍ଟି ହୋଇଛି। ଅଧିକାଂଶ ଦରିଦ୍ର ଲୋକ, ଦାଦନ ଶ୍ରମିକ ମାନଙ୍କ ପକ୍ଷରେ ଏହି ପ୍ରମାଣପତ୍ର ଦାଖଲ କରିବା ଅସମ୍ଭବ। କାରଣ ଏହି ଧରଣର କୌଣସି ପ୍ରମାଣପତ୍ର ସେମାନଙ୍କ ନିକଟରେ ନାହିଁ କିମ୍ବା ନିର୍ବାଚନ କମିଶନ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ଧରଣର ପ୍ରମାଣ ପତ୍ର ପ୍ରସ୍ତୁତ କରିବା ସେମାନଙ୍କ ପକ୍ଷରେ ସମ୍ଭବ ମଧ୍ୟ ନୁହେଁ। ଏହି ପରିସ୍ଥିତିରେ ଭୋଟ ଦାନ ଭଳି ଏକ ପ୍ରାଥମିକ ନାଗରିକ ଅଧିକାରରୁ ରାଜ୍ୟର ଏକ ବିରାଟ ସଂଖ୍ୟକ ଲୋକ ବଂଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ପ୍ରବଳ ବିରୋଧ ଫଳରେ ପ୍ରଥମେ ବିନା ପ୍ରମାଣପତ୍ରରେ କେବଳ ଫର୍ମ ପୂରଣ କରି ଦାଖଲ କଲେ ଚଳିବ ବୋଲି ନିର୍ବାଚନ କମିଶନ ପକ୍ଷରୁ ଖବର କାଗଜରେ ବିଜ୍ଞାପନ ଦିଆଯାଇଥିଲା। ମାତ୍ର ତୁରନ୍ତ ସେହି ବିଜ୍ଞାପନ ପ୍ରତ୍ୟାହାର କରିନିଆଗଲା ଏବଂ ପୂର୍ବଭଳି ନିଜର, ନିଜ ପିତା ମାତାଙ୍କ ଜନ୍ମ ତାରିଖ ଓ ଜନ୍ମ ସ୍ଥାନର ପ୍ରମାଣପାଇଁ ନିର୍ବାଚନ କମିଶନ ଦ୍ୱାରା ସ୍ଥିରିକୃତ ୧୧ଟି ଦସ୍ତାବେଜ ମଧ୍ୟରୁ ଅନ୍ତତଃ ଗୋଟିଏ ଦେବାକୁ ବାଧ୍ୟତାମୂଳକ ବୋଲି ଘୋଷଣା କରାଗଲା। ସ୍ୱାଭାବିକ ଭାବରେ ଏହାଫଳରେ ସାଧାରଣଲୋକଙ୍କ ମଧ୍ୟରେ ଭୋଟର ତାଲିକା ସଂଶୋଧନକୁ କେନ୍ଦ୍ରକରି ଆହୁରି ଗୁରୁତର ଅନିଶ୍ଚିତତା ସୃଷ୍ଟି ହୋଇଛି।

ବିହାରର ବିଜେପି-ଜେଡିୟୁ ମିଳିତ ସରକାରଙ୍କ ଅବସ୍ଥା ଅସମ୍ଭାଳ। ଏହି ମିଳିତ ସରକାର ବିରୁଦ୍ଧରେ ପ୍ରବଳ ଜନଅସନ୍ତୋଷ ସୃଷ୍ଟି ହୋଇଛି। ଏହି ଧରଣର ଜନଅସନ୍ତୋଷରୁ ରକ୍ଷା ପାଇବାପାଇଁ ଓ ସରକାର ଉପରେ ବିକ୍ଷୁବ୍ଧ ଜନସାଧାରଣଙ୍କ ଦୃଷ୍ଟି ଅନ୍ୟତ୍ର ଅପସାରିତ କରିବାପାଇଁ ବର୍ତ୍ତମାନ ବିଜେପି ପକ୍ଷରୁ ବିହାରରେ ବ୍ୟାପକ ସଂଖ୍ୟକ ବାଂଲାଦେଶୀ, "ଅନୁପ୍ରବେଶ" ଘଟିଛି ବୋଲି ପ୍ରଚାର କରାଯାଉଛି। ପାଠକମାନଙ୍କର ସ୍ମରଣଥିବା ଏହାପୂର୍ବରୁ ଝାଡଖଣ୍ଡ, ଦିଲ୍ଲୀ, ହରିୟାନା ଏପରିକି ମହାରାଷ୍ଟ୍ରରେ ମଧ୍ୟ ଏହି ବ୍ୟାପକ ଅନୁପ୍ରବେଶକୁ ଅନ୍ୟତମ ମୁଖ୍ୟ ନିର୍ବାଚନୀ ଇସ୍ୟୁରେ ପରିଣତ କରିବାପାଇଁ ବିଜେପି ଦଳ ଓ ବିଜେପି ପରିଚାଳିତ କେନ୍ଦ୍ର ତଥା ରାଜ୍ୟ ସରକାର ମାନଙ୍କ ପକ୍ଷରୁ ପ୍ରବଳ ଉଦ୍ୟମ କରାଯାଇଥିଲା। ସେ ଯାହାହେଉ ବର୍ତ୍ତମାନ ବିଜେପି ପକ୍ଷରୁ ଦାବି କରାଯାଉଛି ଯେ ବିହାରରେ ବ୍ୟାପକ ସଂଖ୍ୟକ ବଂାଲାଦେଶୀ, ନେପାଳୀ ଓ ରୋହିଙ୍ଗିଆ ଅନୁପ୍ରବେଶକାରୀ ଭୋଟର ତାଲିକାରେ ଜାଲିଆତି କରି ନାମ ଦରଜ କରିଛନ୍ତି। ସେଥିପାଇଁ ଭୋଟର ତାଲିକାର ବ୍ୟାପକ ସଂଶୋଧନର ଆବଶ୍ୟକତା ରହିଛି। ଖବର କାଗଜରେ ଏହି ଧରଣର ମିଥ୍ୟା ଖବର ଯୋଜନାବଦ୍ଧ ଭାବରେ ପ୍ରକାଶ କରି ଆତଙ୍କ ସୃଷ୍ଟି କରାଯାଉଛି। ବିଜେପିର ସ୍ୱରରେ ସ୍ୱର ମିଳାଇ ନିର୍ବାଚନ କମିଶନ ବର୍ତ୍ତମାନ ବିହାରରେ ଭୋଟର ତାଲିକାର ସଘନ ଯାଂଚ ଆରମ୍ଭ କରିଛି। ବିଶେଷକରି ସଂଖ୍ୟାଲଘୁ ସଂପ୍ରଦାୟର ବିରାଟ ସଂଖ୍ୟକ ଲୋକଙ୍କର ନାମ ସହିତ ପାରମ୍ପରିକ ଭାବରେ ବିଜେପିକୁ ଭୋଟ ଦେଉନଥିବା ଜନଗୋଷ୍ଠୀଭୁକ୍ତ ଲୋକଙ୍କ ନାମ ଯେତେ ଅଧିକ ସମ୍ଭବ ଭୋଟର ତାଲିକାରୁ ବାଦ ଦେବା ଉଦ୍ଦେଶ୍ୟରେ ଯେ ଏହା କରାଯାଉଛି ତାହା ବର୍ତ୍ତମାନ ସ୍ପଷ୍ଟ। ଏହାଫଳରେ ଆଗାମୀ ନିର୍ବାଚନରେ ବିଜେପିର ବିଜୟର ସମ୍ଭାବନା କିଛିଟା ବୃଦ୍ଧି କରାଯାଇପାରିବ ବୋଲି ବିଜେପି ନେତାମାନେ ଆଶା କରୁଛନ୍ତି। ଏହା ସଂଗେ ସଂଗେ ବିଜେପି ନେତାମାନେ ଏହା ମଧ୍ୟ ଭଲଭାବରେ ଜାଣନ୍ତି ଯେ ଭୋଟର ତାଲିକାରେ ନାଁ କଟିବା ବିପଦରୁ ରକ୍ଷା ପାଇବାପାଇଁ ଦରିଦ୍ର ବଂଚିତ ହିନ୍ଦୁ ଧର୍ମାବଲମ୍ବୀ ଲୋକମାନେ ଶାସକ ଦଳର ନେତାମାନଙ୍କ ଶରଣାପନ୍ନ ହେବେ। ସରକାରୀ କଳକୁ ପ୍ରଭାବିତ କରି ଏହି ଧରଣର ଲୋକଙ୍କୁ 'ସହାୟତା' କରିବା ପ୍ରତିବଦଳରେ ଏମାନଙ୍କ ଭୋଟ ହାସଲ କରାଯାଇ ପାରିବ ବୋଲି ବିଜେପି ନେତାମାନେ ନିଶ୍ଚିତ। ବିହାରରେ ମେଣ୍ଟ ସରକାରକୁ ଯେକୌଣସି ଉପାୟରେ ବିଜୟୀ କରିବାପାଇଁ ନାଗରିକତା ଭଳି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସଂବେଦନଶୀଳ ପ୍ରସଙ୍ଗକୁ ହତିଆର କରିବାପାଇଁ ମଧ୍ୟ ବିଜେପି ସରକାର ପଶ୍ଚାଦପଦ ହୋଇନାହିଁ। ସବୁଠାରୁ ମାରାତ୍ମକ ବିଷୟ ହେଉଛି ଭୋଟର ତାଲିକାରୁ ଯାହାର ନାମ କଟିବ ତାଙ୍କୁ ଦେଶର ନାଗରିକ ଭାବରେ ଗ୍ରହଣ କରାଯିବ ନାହିଁ। ସେହି ବ୍ୟକ୍ତିଙ୍କୁ ନିଜର ନାଗରିକତାର ପ୍ରମାଣ ଦେବାକୁ ପଡିବ, ତାହା ନକରିପାରିଲେ ତାଙ୍କୁ ଦେଶରୁ ବିତାଡିତ କରାଯିବ। ଏହି ପ୍ରକ୍ରିୟାରେ ବିହାରରୁ କୋଟି କୋଟି ଲୋକ ଭୋଟ ଦେବାର ଅଧିକାର ସହିତ ନାଗରିକତା ହରାଇବେ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

କେବଳ ବିହାରରେ ନୁହେଁ ସମଗ୍ର ଦେଶରେ ଏହି ପ୍ରକ୍ରିୟା ଚାଲୁ କରିବାପାଇଁ ନିର୍ବାଚନ କମିଶନ ଘୋଷଣା କରିଛି। ଏହା ମଧ୍ୟଦେଇ ସମଗ୍ର ଦେଶରେ ନିର୍ବାଚନ କମିଶନକୁ ବ୍ୟବହାରକରି ପଛଦ୍ୱାରା ବାଟେ ଏନ୍‌ଆରସି ଲାଗୁ କରିବାପାଇଁ କେନ୍ଦ୍ର ସରକାର ଉଦ୍ୟମ କରୁଛନ୍ତି ବୋଲି ବର୍ତ୍ତମାନ ସ୍ପଷ୍ଟ ହୋଇଯାଇଛି। ସେଥିପାଇଁ ବିହାରରେ ଏହି ଧରଣର ତଥାକଥିତ ଭୋଟର ତାଲିକା ସଂଶୋଧନକୁ ସାରାଦେଶରେ ତୀବ୍ର ବିରୋଧ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ଦେଶର ନାଗରିକ ମାନଙ୍କର ନାଗରିକତ୍ୱ ପ୍ରମାଣ କରିବା ଦାୟିତ୍ୱଟି କେନ୍ଦ୍ର ସରକାରଙ୍କର ଥିଲା। କେଉଁମାନେ ନାଗରିକ ଏବଂ କେଉଁମାନେ ନାଗରିକ ନୁହଁନ୍ତି ଆଇନତଃ ତାହା କେନ୍ଦ୍ର ଗୃହ ବିଭାଗ ସ୍ଥିର କରିବ। ସେଥିପାଇଁ ଏକ ଆଇନ ସମ୍ମତ ପ୍ରକ୍ରିୟାର ଅନୁପାଳନ ଜରୁରୀ। ଏହି ପ୍ରକ୍ରିୟା ଅନୁଯାୟୀ ଜଣେ ବ୍ୟକ୍ତି ନାଗରିକ ନୁହଁନ୍ତି ବୋଲି ସରକାରଙ୍କୁ ପ୍ରମାଣ ଦେବାକୁ ହେବ। କେବଳ କୌଣସି ଏକ ଦସ୍ତାବେଜ ନଥିବା କାରଣରୁ କାହାରିକୁ ନାଗରିକ ନୁହଁନ୍ତି ବୋଲି କୁହାଯାଇ ପାରିବନାହିଁ। ମାତ୍ର ବର୍ତ୍ତମାନ ନିର୍ବାଚନ କମିଶନକୁ ବ୍ୟବହାର କରି ନିଜର ନାଗରିକତା ପ୍ରମାଣ କରିବାର ଦାୟିତ୍ୱ ସରକାର ଦେଶର ଲୋକଙ୍କ ମୁଣ୍ଡରେ ଲଦି ଦେଇଛନ୍ତି। ଦେଶର ସାଧାରଣ ଲୋକ କେଉଁଠୁ ଏତେ କାଗଜପତ୍ର ଆଣିବେ? ସାଧାରଣ ଲୋକଙ୍କ କଥା ଦୂରେ ଥାଉ ବିହାରରେ ଚାଲିଥିବା ଏହି ତଥାକଥିତ ଭୋଟର ତାଲିକାର ସଂଘନ ଯାଂଚକୁ ବିରୋଧକରି ସୁପ୍ରିମକୋର୍ଟରେ ଚାଲିଥିବା ଏକ ମାମଲାର ଶୁଣାଣି ସମୟରେ ଜନୈକ ବିଚାରପତି ମନ୍ତବ୍ୟ ଦେଇଥିଲେ ଯେ ବିହାରର ସାଧାରଣ ଲୋକଙ୍କ କଥା ଦୂରେ ଥାଉ ଏହି ୧୧ଟିରୁ ଗୋଟିଏ ହେଲେ ପ୍ରମାଣପତ୍ର ମୁଁ ବି ଦେଇ ପାରିବି ନାହିଁ। ଏପରିକି ଗତ ତିନିଟି ସାଧାରଣ ନିର୍ବାଚନରେ ଯେଉଁମାନଙ୍କ ଭୋଟରେ ବିଜୟ ଲାଭକରି ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଆସନରେ ବସିଛନ୍ତି ସେହି ଭୋଟର ମାନଙ୍କୁ ମଧ୍ୟ ନିଜର ନାଗରିକତା ପ୍ରମାଣ କରିବାକୁ ବାଧ୍ୟ କରାଯାଉଛି। ସ୍ମରଣ ରଖିବା ଆବଶ୍ୟକ ଯେ ଏହି ବିଜେପି ସରକାର ୨୦୨୧ ମସିହାରେ ହେବାକୁଥିବା ଜନଗଣନା ଆଜି ମଧ୍ୟ କରିନାହିଁ। ଏହି ସରକାର କଣ ଏତେ ଶୀଘ୍ର ସାରାଦେଶରେ ନାଗରିକତାର ପ୍ରମାଣ ସଂଗ୍ରହ ସହିତ ଭୋଟର ତାଲିକା ସଂଶୋଧନ କରିଦେବେ? ବିହାରରେ ନିର୍ବାଚନ କମିଶନର ଏହି ଧରଣର ସ୍ୱେଚ୍ଛାଚାର ବିରୁଦ୍ଧରେ ସୁପ୍ରିମ କୋର୍ଟରେ ମାମଲା ଦାୟାର କରି ଏଡିଆର ନାମକ ଏକ ସଂସ୍ଥା ଆଶଂକା ପ୍ରକାଶ କରିଛି ଯେ ଏହାଫଳରେ ସଂଖ୍ୟାଲଘୁ, ଆଦିବାସୀ, ପାରମ୍ପରିକ ଜଙ୍ଗଲ ଅଧିବାସୀ, ଦାଦନ ଶ୍ରମିକ ମାନଙ୍କ ସହିତ ପ୍ରାୟ ୩କୋଟିରୁ ଅଧିକ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ ପଡିଯିବ। ଦାଦନ ଶ୍ରମିକମାନେ ଅଧିକାଂଶ ସମୟ ନିଜର ଗାଁ ବା ସହରରୁ ଦୂରରେ ରହନ୍ତି। ବିଏଲ୍‌ଓ ମାନେ ସେମାନଙ୍କୁ ଖୋଜି ପାଇବେ ନାହିଁ। ନିର୍ବାଚନ କମିଶନର ନିର୍ଦ୍ଦେଶ ଅନୁଯାୟୀ ଅନଲାଇନରେ ଫର୍ମ ପୂରଣ କରି ଦାଖଲ କରାଯାଇ ପାରିବ। ତେବେ ଏହି ଦେଶର ଦରିଦ୍ର ଜନସାଧାରଣଙ୍କ ମଧ୍ୟରୁ କେତେ ଜଣ ଅନଲାଇନ ବ୍ୟବସ୍ଥା ବ୍ୟବହାର କରି ଏହି କାମ କରିପାରିବେ? ଏଥିପାଇଁ ସେମାନଙ୍କର ଦଲାଲ ହାବୁଡରେ ପଡିବା ନିଶ୍ଚିତ। ଏହାବ୍ୟତୀତ ବିଜେପିର ଏଜେଣ୍ଡା ଅନୁଯାୟୀ ନିର୍ବାଚନ କମିଶନ କହୁଛି- ଦାଦନ ଶ୍ରମିକମାନେ ବର୍ଷର ଅଧିକାଂଶ ସମୟ ଯେଉଁଠାରେ ରହିବେ ସେହିଠାରେ ହିଁ ଭୋଟର ହେବେ। ଏହା ଯେ ସଂପୂର୍ଣ୍ଣ ଭାବରେ ଏକ ତୋଗଲକି ନିଷ୍ପତ୍ତି ଏଥିରେ ସନ୍ଦେହର ଅବକାଶ ନାହିଁ।

ଆଧାରକାର୍ଡକୁ କେନ୍ଦ୍ରକରି ବିଜେପି ସରକାର ଏତେଦିନ ଧରି ହଇଚଇ କରିଛି। ବର୍ତ୍ତମାନ ବ୍ୟାଙ୍କଠାରୁ ଆରମ୍ଭକରି ହୋଟେଲରେ ରହିବା, ରେସନ ଦୋକାନ, ହାସପାତାଳ ଏପରିକି ଶ୍ମଶାନରେ ମଧ୍ୟ ଆଧାର କାର୍ଡ ହିଁ ଭରସା। ଏପରିକି ଜନସାଧାରଣଙ୍କର ସମସ୍ତ କାର୍ଯ୍ୟକଳାପକୁ ଆଧାର ସହିତ ଯୁକ୍ତ କରିବାପାଇଁ ସୁପ୍ରିମ କୋର୍ଟରେ କେନ୍ଦ୍ର ସରକାର 'ଦୃଢ' ଯୁକ୍ତି ଉପସ୍ଥାପନ କରିଥିଲେ। ଆଧାରକୁହିଁ ସରକାର ୟୁନିକ ଆଇଡି ବା ପରିଚୟ ପତ୍ର ବୋଲି ନାମିତ କରିଥିଲେ। ସେହି ଆଧାର କାର୍ଡ ପୁଣି ଭୋଟର ପରିଚୟ ପାଇଁ ଅକାର୍ଯ୍ୟକାରୀ? ସବୁଠାରୁ ଅଧିକ ସଂଖ୍ୟକ ଗରିବ ଲୋକଙ୍କ ନିକଟରେ ଜବ୍ କାର୍ଡ ଥାଏ, ହେଲେ ଜବ କାର୍ଡ ବି ଅକାର୍ଯ୍ୟକାରୀ। ସରକାରଙ୍କ ଯୁକ୍ତି ହେଉଛି ଦୁର୍ନିତୀପୂର୍ଣ୍ଣ ଉପାୟରେ ଆଧାରକାର୍ଡ, ଜବକାର୍ଡ ହାସଲ କରାଯାଉଛି। କେତେକ କ୍ଷେତ୍ରରେ ଅର୍ଥ ବିନିମୟରେ ଅବୈଧ ଅନୁପ୍ରେବେଶକାରୀମାନଙ୍କୁ ଆଧାରକାର୍ଡ ଦିଆଯିବାର ଅଭିଯୋଗ କରାଯାଇଛି।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ସୌମ୍ୟାଶ୍ରୀଙ୍କ ମର୍ମାନ୍ତିକ ମୃତ୍ୟୁ . . .

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଦ୍ୱିଅର୍ଥବୋଧକ ଅଶ୍ଳୀଳ ଇଙ୍ଗିତ ଦେଇଥିଲେ। ବିଭାଗୀୟ ମୁଖ୍ୟଙ୍କୁ 'ଅନୁଗୃହୀତ' କରିବାପାଇଁ ସମ୍ମତ ନହେବାରୁ ସଂପୃକ୍ତ ବିଭାଗୀୟ ମୁଖ୍ୟ ତାଙ୍କୁ ନାନା ଭାବରେ ହଇରାଣ ହରକତ କରୁଥିଲେ। ଏହି ପରିସ୍ଥିତିରେ ନ୍ୟାୟ ପାଇବା ଓ ନିଜର ସୁରକ୍ଷାପାଇଁ ସମସ୍ତ ସ୍ତରରେ ନିବେଦନ କଲେ ମଧ୍ୟ କେହି ତାଙ୍କ ପ୍ରତି ନ୍ୟାୟ ବିଚାର କଲେନାହିଁ ବୋଲି ସୌମ୍ୟାଶ୍ରୀ ଅଭିଯୋଗ କରିଥିଲେ। ଫଳରେ ମାନସିକ ଅବସାଦର ଶୀକାର ଏବଂ ହତାଶାଗ୍ରସ୍ତ ହୋଇ ସେ ଆତ୍ମଦାହର ରାସ୍ତା ବାଛି ନେଲେ ବୋଲି କୁହାଯାଉଛି। ତାଙ୍କର ମୃତ୍ୟୁପରେ ସମଗ୍ର ରାଜ୍ୟରେ ଦେଖାଦେଇଥିବା ପ୍ରବଳ ଜନରୋଷ, ବିଶେଷକରି ଜୁଲାଇ ୧୭ତାରିଖ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସମେତ ଅନ୍ୟକେତୋଟି ରାଜନୈତିକ ଦଳ ପକ୍ଷରୁ ଦିଆଯାଇଥିବା ଓଡିଶାବନ୍ଦର ଅଭୁତପୂର୍ବ ସଫଳତା ଫଳରେ ଚାପଗ୍ରସ୍ତ ରାଜ୍ୟ ସରକାର ଜନରୋଷକୁ ସାମୟିକ ଭାବରେ ପ୍ରଶମିତ କରିବାପାଇଁ ଅସଦାଚରଣ ଅଭିଯୋଗରେ ଅଭିଯୁକ୍ତ ବିଭାଗୀୟ ମୁଖ୍ୟ ଓ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିବା ଅଭିଯୋଗରେ କଲେଜ ଅଧ୍ୟକ୍ଷଙ୍କୁ ନିଲମ୍ବନ କରି ଗିରଫ କରିଛନ୍ତି। ଏତିକିରେ ସରକାର ତାଙ୍କ କାମ ସାରି ଦେଇଛନ୍ତି। ମାତ୍ର ଯେଉଁ ପ୍ରଶାସନିକ ଅଧିକାରୀ ଓ ରାଜନେତା ମାନଙ୍କର ଅବହେଳା ଓ ଦାୟିତ୍ୱହୀନତା ପାଇଁ ଗୋଟିଏ ସମ୍ଭାବନାମୟ ଜୀବନର ଦୁଃଖଦ ଅନ୍ତ ଘଟିଲା ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ କିମ୍ବା ଗ୍ରହଣ କରାଯିବାର କୌଣସି ସମ୍ଭାବନା ମଧ୍ୟ ନାହିଁ।

ଅନ୍ୟପଟରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁପରେ ସରକାର ଚିରାଚରିତ ଭାବରେ ଘଟଣାର କ୍ରାଇମବ୍ରାଂଚ ତଦନ୍ତ ଘୋଷଣା କରିଛନ୍ତି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(UGC) ଘଟଣାର ତଦନ୍ତ ପାଇଁ ଦୁଇଟି ଟିମ୍ ଗଠନ କରିଛନ୍ତି। ଘଟଣାର କ୍ରାଇମବ୍ରାଂଚ ତଦନ୍ତ ଚାଲିଥିଲାବେଳେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ୟୁଜିସି କି ଧରଣର ତଦନ୍ତ କରିବ ତାହା ରାଜ୍ୟବାସୀଙ୍କ ପାଖରେ ସ୍ପଷ୍ଟ ନୁହେଁ। ତିନିଟି ଯାକ ସଂସ୍ଥା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ ଏହାର ଅଗ୍ରଗତି ସଂପର୍କରେ ରାଜ୍ୟର ଜନସାଧାରଣଙ୍କୁ ଏ ପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇନାହିଁ। ସରକାର ମଧ୍ୟ ଏ ବାବଦରେ ଆଉକି ପଦକ୍ଷେପ ଗ୍ରହଣ କରିବାକୁ ପରିକଳ୍ପନା କରୁଛନ୍ତି ସେ ବିଷୟରେ କୌଣସି ସୂଚନା ନାହିଁ। ଦୀର୍ଘଦିନ ବିତି ଯାଇଥିଲେ ବି କିଟ୍ ବିଶ୍ୱବିଦ୍ୟାଳୟରେ ଘଟିଥିବା ନେପାଳୀ ଛାତ୍ରୀ ଆତ୍ମହତ୍ୟା ସଂପର୍କିତ ରିପୋର୍ଟ ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ। ଅତୀତରେ ଏହିଭଳି ଆହୁରି ଅନେକ ସମ୍ବେଦନଶୀଳ ଘଟଣାର ତଦନ୍ତ ରିପୋର୍ଟ ସରକାର ସାର୍ବଜନୀନ କରିନାହାନ୍ତି। ଯଦିଓ ଘଟଣା ଘଟିବାବେଳେ ଏହି ରିପୋର୍ଟ ତୁରନ୍ତ ପ୍ରକାଶ ପାଇବ ବୋଲି ସରକାର ଘୋଷଣା କରିଥିଲେ। ଏହି ପରିସ୍ଥିତିରେ ଅତୀତର ଅନ୍ୟାନ୍ୟ ବହୁ ତଦନ୍ତଭଳି ସୌମ୍ୟାଶ୍ରୀ ମୃତ୍ୟୁର ତଦନ୍ତ ରିପୋର୍ଟ ମଧ୍ୟ ସରକାରୀ ଫାଇଲ ଭିତରେ ହଜି ଯିବାର ଆଶଙ୍କା ଧୀରେ ଧୀରେ ଦୃଢୀଭୂତ ହେଉଛି।

ଏଠାରେ ଉଲ୍ଲେଖଯୋଗ୍ୟ ସୌମ୍ୟାଶ୍ରୀ ଆର୍‌ଏସ୍‌ଏସ୍‌ର ଛାତ୍ର ସଂଗଠନ ଏବିଭିପିର ଜଣେ ଜଣାଶୁଣା ଆଗୁଆ ସଂଗଠିକା ଥିଲେ। ଶୁଣିବାକୁ ମିଳୁଛି ଆଗାମୀ ଛାତ୍ର ସଂସଦ ନିର୍ବାଚନରେ ସଂଗଠନ ପକ୍ଷରୁ ସେ ସଭାପତି ପ୍ରାର୍ଥୀ ହେବାପାଇଁ ଆଶାୟୀ ଥିଲେ। ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ଏବିଭିପିର ଜଣେ ଆଗୁଆ ସଂଗଠିକା ଭାବରେ ସ୍ଥାନୀୟ ଓ ଜିଲ୍ଲା ସ୍ତରୀୟ ବିଜେପି ନେତାମାନଙ୍କ ସହିତ ତାଙ୍କ ଘନିଷ୍ଟ ପରିଚୟ ଥିଲା ଏବଂ ଏହି ପରିଚୟକୁ ବ୍ୟବହାରକରି ସେ ନ୍ୟାୟ ପାଇବାପାଇଁ ଉଦ୍ୟମ ମଧ୍ୟ କରିଥିଲେ। ମାତ୍ର ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ରାଜ୍ୟ ବିଜେପି ସରକାର କିମ୍ବା ବିଜେପି ନେତାମାନେ ତାଙ୍କ ନିଜ ଦଳର ଜଣେ ଆଗୁଆ ନେତ୍ରୀଙ୍କୁ ସୁରକ୍ଷା ଦେଇପାରିଲେ ନାହିଁ। ଏହା କଣ ବିଶ୍ୱାସ ଯୋଗ୍ୟ? ଏହା ଯଦି ସତ୍ୟ ହୋଇଥାଏ ତାହେଲେ ଏହିଭଳି ଏକ ଅପାରଗ ସରକାର କଣ ରାଜ୍ୟର ନାରୀ ସମାଜକୁ ବାସ୍ତବରେ ସୁରକ୍ଷା ଦେଇପାରିବ? ସରକାରୀ କଳର ଅପାରଗତା ଓ ଦଳୀୟ ଉଦାସୀନତା ପାଇଁ ଯଦି ସୌମ୍ୟାଶ୍ରୀଙ୍କ ମୃତ୍ୟୁ ହୋଇନଥାଏ, ତାହେଲେ ଏବିଭିପି ସଂଗଠନ ଓ ବିଜେପି ଦଳର ଅର୍ନ୍ତଦ୍ୱନ୍ଦ ଫଳରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟିଛି ବୋଲି ସନ୍ଦେହ ଅମୂଳକ ବୋଲି କୁହାଯାଇ ପାରିବ କି? କେବଳ ସେତିକି ନୁହେଁ ସୌମ୍ୟାଶ୍ରୀଙ୍କ ମୃତ୍ୟୁପରେ ଏଥିପାଇଁ ଅଭିଯୁକ୍ତ ଅଧ୍ୟାପକ, କଲେଜର ଆଭ୍ୟନ୍ତରୀଣ କମିଟି ଏବଂ ଅଧ୍ୟକ୍ଷଙ୍କୁ ଦାୟୀ କରିଥିବା ବାଲେଶ୍ୱର ସାଂସଦ ଘଟଣାର କିଛି ଦିନ ପୂର୍ବରୁ ଅଭିଯୁକ୍ତ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ପ୍ରଶଂସା କରୁଥିବା ଏବଂ ଆନ୍ଦୋଳନକାରୀ ଛାତ୍ର ଛାତ୍ରୀଙ୍କୁ ସମାଲୋଚନା କରୁଥିବାର ଏକ ଭିଡିଓ ପ୍ରସାରିତ ହେବାପରେ ଏହି ସନ୍ଦେହ ଆହୁରି ଦୃଢୀଭୂତ ହେଉଛି। ଏହାସହିତ ବର୍ତ୍ତମାନ କଲେଜକୁ ନାମଲେଖା ପାଇଁ ଆସୁଥିବା ଛାତ୍ରଛାତ୍ରୀମାନଙ୍କ ସହାୟତା ପାଇଁ ଏବିଭିପି ପକ୍ଷରୁ କଲେଜ ଗେଟ ନିକଟରେ କରାଯାଇଥିବା ହେଲ୍ପ ଡେସ୍କ ଟୁଙ୍ଗୀ ସମ୍ମୁଖରେ ଅଭିଯୁକ୍ତ ଅଧ୍ୟାପକଙ୍କ ସହିତ ଅଧ୍ୟକ୍ଷଙ୍କୁ ମଧ୍ୟ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଥିବାର ଫଟୋ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ଏହାର ଅର୍ଥ ହେଉଛି ଯେଉଁ ଅଧ୍ୟାପକଙ୍କ ବିରୁଦ୍ଧରେ ସୌମ୍ୟାଶ୍ରୀ ଅସଦାଚରଣ ଓ ହଇରାଣ ହରକତ କରିବାର ଅଭିଯୋଗ ୪ମାସରୁ ଅଧିକ ସମୟ ଧରି କରିଆସୁଛନ୍ତି ସେହି ଅଧ୍ୟାପକଙ୍କୁ ତାଙ୍କ ସଂଗଠନ ଏବିଭିପି ସଂପ୍ରତି ସମ୍ବର୍ଦ୍ଧନା ଜ୍ଞାପନ କରିଛି। ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ନୁହେଁକି? ଏଥିରୁ ସ୍ୱାଭାବିକ ଭାବରେ ଉପରୋକ୍ତ ସନ୍ଦେହ ଆହୁରି ଘନୀଭୂତ ହେଉ ନାହିଁକି?।

ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ କେନ୍ଦ୍ରକରି ଆଉ କେତୋଟି ଗୁରୁତର ପ୍ରଶ୍ନ ମୁଣ୍ଡଟେକୁଛି। ପ୍ରକାଶିତ ଖବର ଅନୁଯାୟୀ ଜୁଲାଇ ୧୨ତାରିଖ ମଧ୍ୟାହ୍ନରେ ଅଧ୍ୟକ୍ଷଙ୍କ ଅଫିସରେ ଚାଲିଥିବା ବୈଠକରେ ଅଧ୍ୟକ୍ଷଙ୍କଠାରୁ ନ୍ୟାୟର କୌଣସି ପ୍ରତିଶୃତି ନପାଇ ଏବଂ ଅପମାନିତ ହୋଇ ଅଫିସ ବାହାରେ ସୌମ୍ୟାଶ୍ରୀ ଏହିଭଳି ଚରମ ପଦକ୍ଷେପ ଗ୍ରହଣ କଲେ। ଅଫିସରୁ ବାହାରିବା ପରେ ପରେ ହିଁ ତାଙ୍କ ଦେହରେ ଅଗ୍ନି ସଂଯୋଗ ହୋଇଛି ବୋଲି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ପ୍ରଶ୍ନ ଉଠୁଛି ସେ ଆତ୍ମଦାହ କରିବେ ବୋଲି ନିଷ୍ପତ୍ତି ନେଇ ପେଟ୍ରୋଲ ଓ ଦିଆସିଲ କଣ ସାଙ୍ଗରେ ନେଇ ଯାଇଥିଲେ? ସେ ଅଧ୍ୟକ୍ଷଙ୍କ ଅଫିସକୁ ଆଲୋଚନା ପାଇଁ ଯାଇଥିଲାବେଳେ ପେଟ୍ରୋଲ କାହାପାଖରେ ଥିଲା? ସୌମ୍ୟାଶ୍ରୀ କଣ ପୂର୍ବରୁ ନିଶ୍ଚିତ ଥିଲେ ଯେ ଅଧ୍ୟକ୍ଷ ତାଙ୍କୁ ନିରାଶ ଓ ଅପମାନିତ କରିବେ ଏବଂ ସେ ଆତ୍ମଦାହ କରିବେ? ସେଥିପାଇଁ କଣ ସେ ପେଟ୍ରୋଲ ଓ ଦିଆସିଲି ସାଙ୍ଗରେ ନେଇ ଯାଇଥିଲେ? ପୁଣି ପ୍ରଶ୍ନ ଉଠୁଛି ସେ ଅଧ୍ୟକ୍ଷଙ୍କ ଅଫିସରୁ ବାହାରିବା ପରେ ତାଙ୍କୁ ପେଟ୍ରୋଲ ଓ ଦିଆସିଲି କିଏ ଦେଲା? ସିସିଟିଭି ଫୁଟେଜ୍‌ରୁ ଜଣା ପଡୁଛି ଯେ ସୌମ୍ୟାଶ୍ରୀଙ୍କ ଦେହରେ ନିଆଁ ଲାଗିବା ସମୟରେ ସେହି ସ୍ଥାନରେ ଅନେକ ଛାତ୍ର ଛାତ୍ରୀ ଥିଲେ। ଏହିଭଳି ଏକ ସ୍ଥାନରେ ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇବା କିଭଳି ସମ୍ଭବ ହେଲା? ତାଙ୍କୁ ଉପସ୍ଥିତ ଛାତ୍ରଛାତ୍ରୀମାନେ ଏଥିରୁ ନିବୃତ୍ତ କଲେ ନାହିଁ କାହିଁକି? ଆହୁରି ମଧ୍ୟ ସିସିଟିଭି ଫୁଟେଜ୍‌ରୁ ଜଣାଯାଉଛି ଯେ ସ୍ଥାନୀୟ ଏକ ପେଟ୍ରୋଲ ପମ୍ପରୁ ଜଣେ ଝିଅ ଗୋଟିଏ ବ୍ୟାଟେରୀ ଚାଳିତ ସ୍କୁଟରରେ ପେଟ୍ରୋଲ କିଣି ଆଣୁଛି। ସେହି ଝିଅଟି କିଏ? ଏବିଭିପି ସହିତ ସେହି ଝିଅର ସଂପର୍କ କ'ଣ? ଘଟଣାର ଏତେ ଦିନ ପରେ ମଧ୍ୟ ସେହି ଝିଅର ପରିଚୟ ପ୍ରକାଶିତ ହୋଇନାହିଁ କାହିଁକି? ଝିଅଟିର ପରିଚୟ ଜାଣିଶୁଣି ଗୋପନ ରଖାଯାଇଛି ବୋଲି ସନ୍ଦେହ କଣ ଅମୂଳକ? ସୌମ୍ୟାଶ୍ରୀ ନିଜ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଛନ୍ତି ନା ଏହା ପଛରେ ବହୁଲୋକଙ୍କର ଏକ ସଂଗଠିତ ଯୋଜନା କାମ କରିଛି? ଘଟଣା ପ୍ରବାହରୁ ଏହିସବୁ ପ୍ରଶ୍ନ ସ୍ୱାଭାବିକ ଭାବରେ ମୁଣ୍ଡ ଟେକୁଛି। ସୌମ୍ୟାଶ୍ରୀ ଜଳି ଯାଉଥିଲାବେଳେ ମୋବାଇଲରେ କେତେକ ପିଲା ତାଙ୍କ ଫଟୋ ବା ଭିଡିଓ ଉତ୍ତୋଳନ କରୁଥିବା ସିସିଟିଭି ଫୁଟେଜରୁ ସ୍ପଷ୍ଟ ହେଉଛି। ଏହି ଛାତ୍ରମାନେ କିଏ? ସେମାନେ ସାଧାରଣ ଛାତ୍ର ନା ଏବିଭିପି ସଂଗଠନ ସହିତ ସଂପୃକ୍ତ ଛାତ୍ର? କେବଳ ମାତ୍ର ଏକ ନିରପେକ୍ଷ ତଦନ୍ତହିଁ ଏସବୁ ପ୍ରଶ୍ନର ସଠିକ ଉତ୍ତର ଲୋକଲୋଚନକୁ ଆଣିପାରିବ। ମାତ୍ର ସରକାରୀ ତଦନ୍ତ କ'ଣ ଏସବୁ ପ୍ରଶ୍ନକୁ ତଦନ୍ତ ପରିସରଭୁକ୍ତ କରିବ ଏବଂ ସତ୍ୟ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିବ?

କେବଳ ସେତିକି ନୁହେଁ, ଗଣମାଧ୍ୟମର ପ୍ରଚାର ଅନୁଯାୟୀ ସୌମ୍ୟାଶ୍ରୀ ଜଣେ ମେଧାବୀ ଛାତ୍ରୀ ଥିଲେ। ସେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦେଉଥିଲେ, ମାଷ୍ଟର ଟ୍ରେନର ଥିଲେ। ଖୁସିବାସିଆ ସ୍ୱଭାବର ଥିଲେ। ସେ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ଦଳର ପୃଷ୍ଠପୋଷକତା ଲାଭ କରିଥିବା ଛାତ୍ର ସଂଗଠନ ଏବିଭିପିର ଆଗୁଆ ଓ ସକ୍ରିୟ ସଂଗଠିକା ଥିଲେ ବୋଲି ପୂର୍ବରୁ ଉଲ୍ଲେଖ କରାଯାଇଛି। ଏହିଭଳି ପୃଷ୍ଠଭୂମିର ଜଣେ ପିଲା ଏହିଭଳି ଭାବରେ ଆତ୍ମହତ୍ୟାର ରାସ୍ତା ବାଛିନେବ ବୋଲି ବିଶ୍ୱାସ କରିବା କଷ୍ଟକର ହେଉଛି। ସେ ନିର୍ବାଚନରେ ଅଂଶଗ୍ରହଣ କରିବାପାଇଁ ଆଗ୍ରହୀ ଥିଲେ ଏବଂ ସେଥିପାଇଁ ପ୍ରସ୍ତୁତି ମଧ୍ୟ କରୁଥିଲେ। ସୌମ୍ୟାଶ୍ରୀଙ୍କର କଲେଜରେ ଉପସ୍ଥାପନ ଶତକଡା ୭୫ଭାଗରୁ କମ୍‌ଥିବାରୁ ଲିଙ୍ଗଡୋ କମିଟି ସୁପାରିଶ ଅନୁଯାୟୀ ସେ ନିର୍ବାଚନରେ ଅଂଶଗ୍ରହଣ କରିପାରିନଥାନ୍ତେ। ଏହି ପ୍ରେକ୍ଷାପଟ୍ଟରେ ସମଗ୍ର ଘଟଣାବଳୀକୁ ବିଚାର କଲେ କଲେଜ ପ୍ରଶାସନ ଉପରେ ଚାପ ସୃଷ୍ଟି କରିବା ପାଇଁ ଏହା ଏକ ସୁଚିନ୍ତିତ କୌଶଳ ବୋଲି କୁହାଯାଇପାରେ। ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଗଲାବେଳେ ଏହି ଧରଣର କାଣ୍ଡ ଘଟିଲା ବୋଲି କେତେକ ମହଲରେ ମତପ୍ରକାଶ ପାଉଛି। ତେବେ ଏହା ସତ୍ତ୍ୱେ ମଧ୍ୟ କଲେଜ ପ୍ରଶାସନକୁ ଦୋଷମୁକ୍ତ କରାଯାଇ ପାରିବ ନାହିଁ। ଉପଯୁକ୍ତ ସମୟରେ ସଠିକ ପଦକ୍ଷେପ ଗ୍ରହଣକରି ସମସ୍ତ ଘଟଣାକୁ ଲୋକଲୋଚନକୁ ଆଣିବା କଲେଜ ପ୍ରଶାସନ ପକ୍ଷରେ ଆବଶ୍ୟକଥିଲା। ଏ ସମସ୍ତ ବିଷୟକୁ ବିଚାରକୁ ନେଲେ ବର୍ତ୍ତମାନର ରାଜ୍ୟ ବିଜେପି ସରକାର ଏବଂ ଛାତ୍ର ସଂଗଠନ ଏବିଭିପି ସୌମ୍ୟାଶ୍ରୀଙ୍କ ମୃତ୍ୟୁପାଇଁ ଅନସ୍ୱୀକାର୍ଯ୍ୟ ଭାବରେ କାଠଗଡାରେ ଠିଆ ହୋଇଛନ୍ତି।

ଅତୀତର ବହୁ ଘଟଣାବଳୀରୁ ମହିଳାମାନଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡନ କ୍ଷେତ୍ରରେ ଆରଏସ୍‌ଏସ୍-ବିଜେପି-ଏବିଭିପି ଓ ସଂଘ ପରିବାରର ଆଭିମୁଖ୍ୟ ସଂପର୍କରେ ଆମର ସ୍ପଷ୍ଟ ଧାରଣା ରହିଛି। ଜାମ୍ମୁ-କାଶ୍ମୀରର କାଠୁଆଠାରେ ନାବାଳିକା ଗଣଧର୍ଷଣ ଓ ହତ୍ୟାକାରୀ ମାନଙ୍କ ସମର୍ଥନରେ ବିଜେପି ନେତା ଓ ମନ୍ତ୍ରୀମାନ ରାଜରାସ୍ତାରେ ଶୋଭାଯାତ୍ର କରିବାପାଇଁ ମଧ୍ୟ ଲଜ୍ଜାବୋଧ କରିନଥିଲେ। ସେହିଭଳି ହାତରାସରେ ଦଳିତ ନାବାଳିକାଙ୍କ ଗଣଧର୍ଷଣ ଓ ହତ୍ୟାକାଣ୍ଡରେ ଲିପ୍ତ ଅପରାଧି ମାନଙ୍କ ସମର୍ଥନରେ ସଂଘ ପରିବାର ଖୋଲା ଖୋଲି ବାହାରିଥିଲା। ଉନ୍ନାଓ ଠାରେ ଧର୍ଷଣକାରୀ ବିଜେପି ନେତା କୁଲଦୀପ ସେଙ୍ଗରକୁ ବିଜେପି ଖୋଲାଖୋଲି ସମର୍ଥନ କରିଥିଲା। ଅଲମ୍ପିକ ମେଡାଲ ବିଜୟୀ ମହିଳା କ୍ରୀଡାବିତ ମାନଙ୍କ ପ୍ରତି ଯୌନ ନିର୍ଯ୍ୟାତନାକାରୀ ବ୍ରିଜଭୂଷଣ ସିଂହଙ୍କୁ ସିଧାସଳଖ କେନ୍ଦ୍ର ବିଜେପି ସରକାର ମଦଦ ଯୋଗୁ ଆଇନ ଆଜି ବି ତାଙ୍କୁ ଛୁଇଁ ପାରିନାହିଁ। ତେବେ ସୌମ୍ୟାଶ୍ରୀ ମୃତ୍ୟୁ ବିଜେପି-ଆରଏସ୍‌ଏସ୍-ଏବିଭିପି-ସଂଘ ପରିବାରର ମହିଳା ବିରୋଧି ଚରିତ୍ରର ଆଉ ଏକ କୁତ୍ସିତ ରୂପ ଉଜାଗର କରିଛି। ହିନ୍ଦୁ ଧର୍ମର ଆତ୍ମଘୋଷିତ ରକ୍ଷାକର୍ତ୍ତାମାନେ ରାଜନୈତିକ ଫାଇଦା ପାଇଁ କେତେ ତଳକୁ ଯାଇପାରନ୍ତି ତାହା ସୌମ୍ୟାଶ୍ରୀଙ୍କ ବେଦନାଦାୟକ ମୃତ୍ୟୁ ଦର୍ଶାଇ ଦେଇଛି।

★ ★ ★

## କେବଳ ବୁଦ୍ଧି ଦ୍ୱାରା . . .

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ହୋଇଥାନ୍ତା। ଗୋଟିଏ ଦଳର ଭଙ୍ଗା ପଡ଼େ। ଆଉ ଆଜିକାଲି ଦେଖାଯାଉଛି, ଅଧିକାଂଶଙ୍କର ହିଁ ଭଙ୍ଗା ପଡ଼େ। ମାତ୍ର ଯେଉଁ କମ୍ ସଂଖ୍ୟକ ଲୋକଙ୍କର ଭଙ୍ଗା ପଡ଼େ ନାହିଁ, ସେମାନଙ୍କର ଏହା କ୍ରମାଗତ ଆହୁରି ଶାଣିତ ହୁଏ। ତା'ହେଲେ ଏହା କିଭଳି ହୁଏ? ଖୋଜିଲେ ହିଁ ଏହାର ଉତ୍ତର ମିଳିଯିବ। ଏହିଭଳି ତ କିଛି ଅଳ୍ପ ସଂଖ୍ୟକ କର୍ମୀ ଅଛନ୍ତି ଯେଉଁମାନେ ପ୍ରବଳ ଉତ୍ସାହ ସହକାରେ ଦୀର୍ଘ ଦିନ ଦଳରେ ନାନା Crisis (ସଂକଟ) ମଧ୍ୟରେ, ଜଟିଳ ଅବସ୍ଥା ମଧ୍ୟରେ, ଆଘାତ ପାଇବା ସତ୍ତ୍ୱେ ମଧ୍ୟ କାମ କରି ଚାଲିଛନ୍ତି। ସେମାନଙ୍କର ଚେତନା ଆହୁରି ଉନ୍ନତ ହୋଇଛି, ଦୃଷ୍ଟିଶକ୍ତି ଆହୁରି ପରିଚ୍ଛନ୍ନ ହୋଇଛି, କର୍ମ କ୍ଷମତା ଓ ଉଦ୍ୟୋଗ ଆହୁରି ବଢ଼ିଛି ଏବଂ Determination (ଦୃଢ଼ ସଂକଳ୍ପବୋଧ) ଆହୁରି ବଢ଼ିଛି। ଏହିଭଳି ଏକ ସଂଖ୍ୟା ଅଛି। ମାତ୍ର ଅଧିକାଂଶଙ୍କ କ୍ଷେତ୍ରରେ ଭଙ୍ଗା ପଡୁଛି। ଏହି ଯେଉଁ ଅଳ୍ପ ସଂଖକ କର୍ମୀମାନଙ୍କର କଥା କହିଲି, ଯେଉଁମାନଙ୍କର ଭଙ୍ଗା ପଡ଼ି ନାହିଁ, ସେମାନେ ଲଢ଼େଇ କରିବା ସଙ୍ଗେ ସଙ୍ଗେ ହିଁ, ଲଢ଼େଇରେ ଓହ୍ଲାଇବା ଓ ବାସ୍ତବତାର ଆଘାତ ପାଇବା ସଙ୍ଗେ ସଙ୍ଗେ ହିଁ ଏକ ଚେତନା ଦ୍ୱାରା ଉଦ୍‌ବୁଦ୍ଧ ହୋଇ ନିଜକୁ ଦ୍ରୁତ ଗୋଟିଏ ଦିଗରେ ରାଜନୈତିକ ଚେତନା ଦିଗରୁ, ଦର୍ଶନଗତ ଉପଲବ୍ଧି ଦିଗରୁ, ରୁଚି ସଂସ୍କୃତି ମାନସିକ ଗଠନ ପରିବର୍ତ୍ତନ କରିବା ଦିଗରୁ, ନିଜକୁ ଭାଙ୍ଗି ନୂତନ କରି ଗଢ଼ି ତୋଳିବା; ଆଉ ଅନ୍ୟଦିଗରେ ଜନସାଧାରଣଙ୍କ ମଧ୍ୟରେ ରହିବା, ସେମାନଙ୍କ ଆନ୍ଦୋଳନ ପରିଚାଳନା କରିବା, ସେମାନଙ୍କ ସହିତ ଜୀବନକୁ ଏକାକାର କରିଦେବା, ସେମାନଙ୍କର ଯଥାର୍ଥ ନେତା ହେବା ପାଇଁ ଚେଷ୍ଟା କରିବା, ଏହି ଦୁଇଟି କାର୍ଯ୍ୟ ଏକା ସାଙ୍ଗରେ ପ୍ରବଳଭାବେ କରିଛନ୍ତି। ଆଉ ଦଳେ ପ୍ରବଳ ଉତ୍ସାହ ନେଇ କାମ କରିବାକୁ ଆସିଛନ୍ତି, କିନ୍ତୁ କରିଛନ୍ତି ରୁଟିନ୍ ୱାର୍କ, କେବେ ବି ଜନଗଣଙ୍କୁ ସଂଗଠିତ କରିବାର ଚେଷ୍ଟା କରି ସେମାନଙ୍କର ନେତା ହୋଇ ପାରି ନାହାନ୍ତି। ଏହି ନପାରିବା ଯୋଗୁ ସେମାନଙ୍କ ମଧ୍ୟରେ ଏହି ହତାଶା ଓ ଉତ୍ସାହରେ ଭଙ୍ଗା ସୃଷ୍ଟି କରିଛି। କେବଳ ନ ପାରିବା ଯୋଗୁ ନୁହେଁ, ତା' ସଙ୍ଗେ ସଙ୍ଗେ ଆଦର୍ଶଗତ, ରୁଚିଗତ ଓ ମାନସିକ ଢ଼ାଂଚା ମଧ୍ୟରେ ଥିବା-ଚାହିଁବା ପାଇବାର ନାନା ଦିଗଗୁଡ଼ିକୁ ବିପ୍ଲବମୁଖୀ କରି ଭାଙ୍ଗି ନୂତନଭାବେ ଗଢ଼ିବାର କାମଟି ମଧ୍ୟ ସେମାନଙ୍କର ହୋଇ ନାହିଁ। Simply ଉପରେ ଉପରେ ସେ ବୁଦ୍ଧି ଦ୍ୱାରା ବିପ୍ଲବକୁ ଗ୍ରହଣ କରି ଝାମ୍ପି ପଡ଼ି କିଛି ଦିନ ଝଡ଼ ଭଳି କାମ କଲେ। କରି ଦେଖିଲେ, କାଇଁ କିଛି ତ ହେଉ ନାହିଁ, ଖାଲି ପରିଶ୍ରମ ଯାହା ସାର। ସଙ୍ଗେ ସଙ୍ଗେ ଉତ୍ସାହ ମିଳେଇ ଯିବାକୁ ଆରମ୍ଭ କଲା। ଏହା ମଧ୍ୟରେ ତ ବିଶେଷ ଏକ ରହସ୍ୟଜନକ ତତ୍ତ୍ୱ ନାହିଁ ଯେ, ଉତ୍ତର ଦେବାକୁ ହେବ। ଯେଉଁ ମଣିଷ ବିପ୍ଳବୀ ସଂଗ୍ରାମରେ କାମ କରିବାକୁ ଆସିବ, ତାଙ୍କୁ ଏକା ସାଙ୍ଗରେ ଜାଣିବାକୁ ହେବ, ଏହା ଏକ ଦୁରୂହ ସଂଗ୍ରାମ, ଏଠି ଉତ୍‌ଥାନ-ପତନ, ଘାତ-ପ୍ରତିଘାତ ବହୁ ବିଷୟ ରହିଛି। ଏହି ସଂଗ୍ରାମ ହିଁ ଜୀବନ। ଏହି ଜୀବନରେ ବିଫଳତା ଆସୁ, ସଫଳତା ଆସୁ, ଏହାରି ମଧ୍ୟରେ ହିଁ ମୋର ମର୍ଯ୍ୟାଦାସମ୍ପନ୍ନ ଜୀବନଯାପନର ପଥ ନିହିତ। ଏହାଛଡ଼ା ଅନ୍ୟ କୌଣସି ରାସ୍ତା ନାହିଁ। ତୁମେ ଯେଭଳି ଯୁକ୍ତି କରନା କାହିଁକି, ସବୁ ହେଲା ଫାଙ୍କିର ପଥ। ଏହା ହେଲା ପ୍ରଥମ ଉପଲବ୍ଧି।

ଦ୍ୱିତୀୟତଃ, ଏଠାରେ ଟିକ୍ଷି ରହିବାକୁ ହେଲେ କେବଳ ଇଚ୍ଛା ଦ୍ୱାରା, ସତତା ଦ୍ୱାରା ଟିକ୍ଷି ରହିପାରିବେ ନାହିଁ। ଆଜି ଯେତେ ପ୍ରବଳ ଇଚ୍ଛା, ସତତା, ତ୍ୟାଗ କରିବାର କ୍ଷମତା ଥାଉ, ଦୀର୍ଘ ଦିନ ଏହି କଠିନ ସଂଗ୍ରାମର ଘାତ ପ୍ରତିଘାତ ମଧ୍ୟରେ ଟିକ୍ଷି ରହିବାକୁ ହେଲେ ଏହି ଲଢେଇ ମଧ୍ୟରେ ମୋର ରାଜନୈତିକ ଚେତନା, ଚାରିତ୍ରିକ ଗଠନକୁ ପରିବର୍ତ୍ତନ କରିବାକୁ ହେବ। ଆଉ ମୋର ସୀମିତ କ୍ଷେତ୍ରରେ କ୍ଷୁଦ୍ର ହେଲେ ମଧ୍ୟ ଜନଗଣଙ୍କର ଏକ ଅଂଶର ଯଥାର୍ଥ ନେତାରେ ପରିଣତ ହେବାକୁ ପଡ଼ିବ।

★ ★ ★



# ୯ ଜୁଲାଇ ସାଧାରଣ ଧର୍ମଘଟକୁ ସଫଳ କରିଥିବାରୁ ଏଆଇୟୁଟିୟୁସିର ସଂଗ୍ରାମୀ ଅଭିନନ୍ଦନ

ଶ୍ରମିକ କର୍ମଚାରୀ ବିରୋଧୀ ଶ୍ରମ କୋଡ ବାତିଲ, ଏନପିଏସ୍ ଓ ୟୁପିଏସ୍ ବାତିଲ କରି ପୁରୁଣା ପେନସନ ସ୍କିମ ପୁନଃପ୍ରଚଳନ, ଦୈନିକ ଶ୍ରମ ଦିବସର ସମୟ ୮ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧି ପରିକଳ୍ପନା ବାତିଲ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ କ୍ଷେତ୍ରର ଘରୋଇକରଣ ବନ୍ଦ, ନ୍ୟାସନାଲ୍ ମନିଟାଇଜେସନ ପାଇପଲାଇନ୍ ଯୋଜନା ବନ୍ଦ, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା କରିବା, ଅତ୍ୟାବଶ୍ୟକ ଜିନିଷର ଦରବୃଦ୍ଧି ବନ୍ଦ କରିବା, ବିଦ୍ୟୁତ ସଂଶୋଧନ ବିଲ ୨୦୨୨ ବାତିଲ, ପ୍ରିପେଡ ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ, ପାଚିକା-ସହାୟିକା, ଆଶା, ଅଙ୍ଗନୱାଡି, ଜୀବିକା ମିଶନ କର୍ମୀ ଆଦି ସ୍କିମ୍ ଶ୍ରମିକଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟର ଆଇନଗତ ଗ୍ୟାରେଣ୍ଟି ଦେବା, ସମସ୍ତ ବର୍ଗର ଶ୍ରମିକ କର୍ମଚାରୀଙ୍କୁ ପେନସନ ଓ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଗାଇ ଦେବା, ସର୍ବନିମ୍ନ ପେନସନ ମାସିକ ୧୦ ହଜାର ଟଙ୍କା କରିବା, ପିଏଫ୍, ଇଏସଆଇସି ଓ ବୋନସ କ୍ଷେତ୍ରରେ ସିଲିଂ ( ସର୍ବୋଚ୍ଚ ସୀମା) ଉଠାଇ ଦେବା, କାମ କରିବାର ଅଧିକାରକୁ ମୌଳିକ ସାମ୍ବିଧାନିକ ଅଧିକାର ଅନ୍ତର୍ଭୁକ୍ତ କରିବା, ସ୍ଥାୟୀ କାମରେ ଅସ୍ଥାୟୀ ଠିକା ଶ୍ରମିକ ନିଯୁକ୍ତି ବନ୍ଦ, ସମାନ କାମ ପାଇଁ ସମାନ ମଜୁରୀ ପ୍ରଦାନ, ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିରୁ ଅର୍ଥ ପ୍ରଦାନ କରି ନିର୍ମାଣ ଶ୍ରମିକଙ୍କୁ ଇଏସଆଇସି ସଦସ୍ୟଭୁକ୍ତ କରି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା, ପଞ୍ଜୀକରଣ ପାଇଁ ଆବେଦନର ୪୫ ଦିନ ମଧ୍ୟରେ ୟୁନିୟନ ପଞ୍ଜୀକରଣ କରିବା, ଆଇଏଲ୍ଓ ସନନ୍ଦ(କନଭେନସନ) ନଂ- ୮୭, ୯୮, ୧୫୫ ଓ ୧୮୭ କୁ କାର୍ଯ୍ୟକାରୀ କରିବା, ଭାରତୀୟ ଶ୍ରମ ସମ୍ମିଳନୀ କରିବା ଆଦି ୧୭ଦଫା ଦାବିରେ ଏଆଇୟୁଟିୟୁସି ସମେତ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେସନ ସମୂହଙ୍କ ମିଳିତ ଆହ୍ୱାନରେ ଦେଶ ବ୍ୟାପୀ ସାଧାରଣ ଧର୍ମଘଟର ଡାକରା ଦିଆ ଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟର ବିଭିନ୍ନ ସ୍ଥାନରେ ମିଳିତ ଶ୍ରମିକ ଆନ୍ଦୋଳନରେ ଏଆଇୟୁଟିୟୁସି ପକ୍ଷରୁ ସକ୍ରିୟ ଭାବେ ଅଂଶଗ୍ରହଣ କରାଯିବା ସହିତ ଏକକ ଭାବେ ମଧ୍ୟ ଏଆଇୟୁଟିୟୁସି ପକ୍ଷରୁ ଆନ୍ଦୋଳନ କରାଯାଇଥିଲା।

ଭୁବନେଶ୍ୱର, ଖୋର୍ଦ୍ଧା, କଟକ, ସାଲେପୁର, ବାରଙ୍ଗ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ଯାଜପୁର ରୋଡ, ବାରିପଦା, ଯଶିପୁର, ରାଉରକେଲା, ବଲାଙ୍ଗିର, ଜୟପୁର, ବୈପାରିଗୁଡା, ବ୍ରହ୍ମପୁର, ଅନୁଗୁଳ, ନାଲକୋ, ଏନଟିପିସି କଣିହାଁ, କିଶୋର ନଗର ଠାରେ ଶୋଭାଯାତ୍ରା, ବିକ୍ଷୋଭ, ପିକେଟିଂ ସଂଗଠିତ କରିବାରେ ଏଆଇୟୁଟିୟୁସିର ନେତା, କର୍ମୀ, ସଂଗଠକମାନେ ସକ୍ରିୟ ଭୂମିକା ପାଳନ କରିଥିଲେ। କେନ୍ଦ୍ର ବିଜେପି ସରକାରଙ୍କ ଜନ ବିରୋଧୀ ନୀତି ବିରୁଦ୍ଧରେ ଏହି ସାଧାରଣ ଧର୍ମଘଟକୁ ସଫଳ କରିଥିବାରୁ ରାଜ୍ୟର ଶ୍ରମିକ କର୍ମଚାରୀ ତଥା ଜନସାଧାରଣଙ୍କୁ ଏଆଇୟୁଟିୟୁସି ଓଡିଶା ରାଜ୍ୟ କମିଟି ପକ୍ଷରୁ ସଂଗ୍ରାମୀ ଅଭିନନ୍ଦନ ଜ୍ଞାପନ କରାଯାଇଛି ଏବଂ ଆଗାମୀ ଦିନରେ ଶକ୍ତିଶାଳୀ ମିଳିତ ଆନ୍ଦୋଳନ ଗଢିତୋଳିବାକୁ ଆହ୍ୱାନ ଦିଆ ଯାଇଛି।

















# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଓ ଛାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଦାବିରେ ରାଜ୍ୟବ୍ୟାପୀ ଏଆଇଡିଏସ୍ଓର ପ୍ରତିବାଦ ଓ ୧୭ ଜୁଲାଇ ସାରା ଓଡିଶା ଛାତ୍ର ଧର୍ମଘଟ ସଫଳ

ବାଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମର୍ମନ୍ତୁଦ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ କରି ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ କରିବା ଏବଂ ଘଟଣା ବିଷୟରେ ଅବଗତ ଥାଇବି କର୍ତ୍ତବ୍ୟରେ ଅବହେଳା କରିଥିବା ସମସ୍ତଙ୍କୁ ଚିହ୍ନଟ କରି କଠୋରରୁ କଠୋର ଦଣ୍ଡବିଧାନ କରିବା ସହିତ ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଦାବିରେ ଘଟଣାର ପ୍ରଥମ ଦିନରୁହିଁ ଏଆଇଡିଏସଓ ରାଜ୍ୟବ୍ୟାପୀ ଆନ୍ଦୋଳନ ଜାରି ରଖିଛି। ଘଟଣା ଦିନ ଅର୍ଥାତ ୧୨ ଜୁଲାଇ ଦିନ ରାଜ୍ୟ ସଭାପତି କମ୍ରେଡ ସୋମନାଥ ବେହେରାଙ୍କ ନେତୃତ୍ୱରେ ବାଲେଶ୍ୱର ଏସ୍ପି ଅଫିସ ସମ୍ମୁଖରେ ସନ୍ଧ୍ୟା ସମୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୧୩ ଜୁଲାଇ ଦିନ ବାଲେଶ୍ୱର, ଭୋଗରାଇ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ ଆନ୍ଦୋଳନ କରାଯାଇଥିଲା। ୧୪ ଜୁଲାଇ ଦିନ ରାଜ୍ୟର ସମସ୍ତ ଜିଲ୍ଲାର ଶିକ୍ଷାନୁଷ୍ଠାନ ସମେତ ଜିଲ୍ଲାପାଳ ଅଫିସ, ବ୍ଲକ ଅଫିସ, ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ସ୍ଥାନୀୟ ସରକାରୀ ଅଫିସରମାନଙ୍କ ଜରିଆରେ ପୋଲିସ ଡିଜିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜୁଲାଇ ୧୪ ତାରିଖ ମଧ୍ୟ ରାତ୍ରରେ ଆସିଥିଲା



ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁର ଖବର। ୧୫ ଜୁଲାଇ ଦିନ ସାରା ରାଜ୍ୟରେ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଜଡିତ କରି ଏଆଇଡିଏସ୍ଓ ପକ୍ଷରୁ ପ୍ରୟାତ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଜୁଲାଇ ୧୪ତାରିଖ ମଧ୍ୟ ରାତ୍ରୀରେ ସୌମ୍ୟାଶ୍ରୀଙ୍କ ମୃତ ଦେହ ଆସିଥିଲା ତାଙ୍କ ଜନ୍ମସ୍ଥଳୀ ଭୋଗରାଇକୁ। ସେହି ଶେଷ ଯାତ୍ରାରେ ଏଆଇଡିଏସ୍ଓର କର୍ମକର୍ତ୍ତାମାନେ ମଧ୍ୟ ବହୁସଂଖ୍ୟାରେ ଉପସ୍ଥିତଥିଲେ। ସୌମ୍ୟାଶ୍ରୀଙ୍କର ବେଦନା ଦାୟକ ମୃତ୍ୟୁରେ ସମଗ୍ର ରାଜ୍ୟରେ ଶୋକାକୂଳ ପରିସ୍ଥିତି ସୃଷ୍ଟି ହୋଇଥିଲାବେଳେ ବିଜେପି ନେତା, ମନ୍ତ୍ରୀ ଏପରିକି ସ୍ୱୟଂ ରାଷ୍ଟ୍ରପତି ରାଜ୍ୟରେ ବିଭିନ୍ନ ସ୍ଥାନରେ ନିର୍ଲ୍ଲଜ ଭାବରେ ଉତ୍ସବ ପାଳନ କରୁଥିଲେ। ଉତ୍ସବ ପାଳନରେ ବାଧା ସୃଷ୍ଟି ହେବାର ଆଶଙ୍କାରେ ଛାତ୍ର ନେତା ତରୁଣସେନ ନାୟକଙ୍କୁ ପୁଲିସ ସାରା ଦିନ ବେଆଇନ ଭାବରେ ଅଟକ ରଖିଥିଲା। ସେହି ଦିନ ଏଆଇଡିଏସଓ ୧୭ ଜୁଲାଇ ସାରା ଓଡିଶା ଛାତ୍ର ଧର୍ମଘଟର ଡାକରା ଦେଲା। ଛାତ୍ର ଛାତ୍ରୀ ମାନଙ୍କ ସ୍ୱତଃସ୍ଫୁର୍ତ୍ତ ସମର୍ଥନରେ ଏହି ଧର୍ମଘଟ ଅଭୁତପୂର୍ବ ଭାବରେ ସଫଳ ହେଲା। ଏହି ସଫଳ ଛାତ୍ର ଧର୍ମଘଟ ପରେ ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କୁ ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା ଓ ସଂପାଦକ ସିଦ୍ଧାର୍ଥ ରଥ ସଂଗ୍ରାମୀ ଅଭିନନ୍ଦନ ଜ୍ଞାପନ କରିବା ସହ ଶିକ୍ଷାନୁଷ୍ଠାନରେ ମାନଙ୍କରେ ଚାଲିଥିବା ଥ୍ରେଟ୍କଲ୍‌ଚର୍ ଅର୍ଥାତ ଭୟଭୀତ କରି ନିଜ ହୀନ ଉଦ୍ଦେଶ୍ୟ ଚରିତାର୍ଥ କରିବାର ପ୍ରବଣତା ବିରୁଦ୍ଧରେ ତଥା ସ୍କୁଲ-କଲେଜ-ବିଶ୍ୱବିଦ୍ୟାଳୟର ଭିତରେ ବାହାରେ ଛାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଓ ମଦ, ମାଦକ ଦ୍ରବ୍ୟ, ଅଶ୍ଳୀଳତା, ନଗ୍ନତା, ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ ଦାବିରେ ଆଗାମୀ ଦିନରେ ବ୍ୟାପକ ଛାତ୍ର ଆନ୍ଦୋଳନର ଆହ୍ୱାନ ଦେଇଥିଲେ ଏବଂ ୨୩ ଜୁଲାଇ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ବିଶାଳ ଛାତ୍ର ବିକ୍ଷୋଭ ସଫଳ କରିବାକୁ ଆବେଦନ କରିଥିଲେ।





# ଫକୀର ମୋହନ କଲେଜ ଛାତ୍ରୀଙ୍କ ମୃତ୍ୟୁ ପ୍ରତିବାଦରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ







## ରାଜ୍ୟ ବ୍ୟାପୀ ପ୍ରତିବାଦ ଦିବସ

ବାଲେଶ୍ୱରସ୍ଥ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ମର୍ମାନ୍ତିକ ମୃତ୍ୟୁ ପ୍ରତିବାଦରେ ଜୁଲାଇ ୧୪ ତାରିଖରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ପାଳନ ପାଇଁ ଡାକରା ଦିଆଯାଇଥିଲା। ଏହି ଡାକରାରେ ରାଜ୍ୟର ବିଭିନ୍ନ ସ୍ଥାନରେ ନାନାବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମର କିଛି ନିର୍ବାଚିତ ଫଟୋ ଏଠାରେ ଦିଆଯାଇଛି।









## ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀଙ୍କ ହୃଦୟ ବିଦାରକ ମୃତ୍ୟୁ ପ୍ରତିବାଦରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଆହୂତ ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମର ଫଟୋ



### ଓଡିଶା ବନ୍ଦକୁ ଅଭୁତପୂର୍ବ ଭାବେ ସଫଳ କରିଥିବାରୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ରାଜ୍ୟବାସୀଙ୍କୁ ଅଭିନନ୍ଦନ

ବାଲେଶ୍ୱରସ୍ଥ ଫକୀରମୋହନ କଲେଜ ଛାତ୍ରୀଙ୍କ ମର୍ମାନ୍ତିକ ମୃତ୍ୟୁ ଘଟଣା ପ୍ରତିବାଦରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସମେତ ଅନ୍ୟାନ୍ୟ ବିରୋଧି ଦଳ ପକ୍ଷରୁ ଆହୂତ ଓଡିଶା ବନ୍ଦକୁ ଅଭୁତପୂର୍ବ ଭାବେ ସଫଳ କରିଥିବାରୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ପକ୍ଷରୁ ରାଜ୍ୟବାସୀଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରାଯାଇଛି। ପାର୍ଟି ଡାକରାରେ ଭୁବନେଶ୍ୱର, କଟକ, ପୁରୀ, ଖୋର୍ଦ୍ଧା, ଯାଜପୁର, କେନ୍ଦ୍ରାପଡା, ଜଗତସିଂପୁର, ଭଦ୍ରଖ, ବାଲେଶ୍ୱର, ବାରିପଦା, ଯଶିପୁର, ବିଶୋଇ, ବାଙ୍ଗିରିପୋଷି, ଉଦଳା, କେନ୍ଦୁଝର, ରାଉରକେଲା, ଅନୁଗୁଳ, ବଲାଙ୍ଗୀର, ବ୍ରହ୍ମପୁର, ଜୟପୁର ଆଦି ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟାଳୟ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ, ଶୋଭାଯାତ୍ରା, ବାଇକ ଶୋଭାଯାତ୍ରା, ରାସ୍ତାରୋକ, ପିକେଟିଂ କରାଯାଇଥିଲା। ସମସ୍ତ ସ୍ଥାନରେ ଜନସାଧାରଣଙ୍କ ଅଭୂତପୁର୍ବ ସମର୍ଥନ ଯୋଗୁ ଏହି ବନ୍ଦ ସର୍ବୋତ ଭାବରେ ସଫଳ ହୋଇଥିଲା। ଏହି ବନ୍ଦର ଅଭୂତପୂର୍ବ ସଫଳତାପାଇଁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ କମ୍ରେଡ ଶଙ୍କର ଦାସଗୁପ୍ତା ରାଜ୍ୟବାସୀଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିବା ସଙ୍ଗେସଙ୍ଗେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ଏହା ସହିତ ପୀଡିତାଙ୍କ ପରିବାରକୁ ଏକ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିବା, ଘଟଣାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରି ଅତି ଶୀଘ୍ର ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିବା, ସମସ୍ତ ଦୋଷୀକୁ କଠୋରରୁ କଠୋର ତମ ଦଣ୍ଡବିଧାନ କରିବା, ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ରୀମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପମାନ ନେବା ପାଇଁ କମ୍ରେଡ ଦାସଗୁପ୍ତା ଦୃଢଦାବି କରିଛନ୍ତି।







# ସମଗ୍ର ବିଶ୍ୱ ବୁଲି ବୁଲି 'ବିଶ୍ୱଗୁରୁ', ଜଣେ ବି ସମର୍ଥକ ଖୋଜି ପାଉନାହାନ୍ତି

ବ୍ରାଜିଲର ରିଓଡିଜେନେରୋ ସହରରେ ସଦ୍ୟ ସମାପ୍ତ 'ବ୍ରିକ୍ସ' କିମ୍ବା ସଂପ୍ରତି ୱାସିଂଟନଠାରେ ଅନୁଷ୍ଠିତ ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆକୁ ନେଇ ଗଠିତ କୋୟାର୍ଡର ବୈଦେଶିକ ମନ୍ତ୍ରୀ ସ୍ତରୀୟ ବୈଠକରେ ଗୃହୀତ ମିଳିତ ବିବୃତ୍ତିରେ ପହେଲଗାଓଁଠାରେ ଘଟିଯାଇଥିବା ଆତଙ୍କବାଦୀ ଆକ୍ରମଣର ନିନ୍ଦା କରାଯାଇଛି। ବ୍ରିକ୍ସ ପକ୍ଷରୁ ଜାରୀ ମିଳିତ ବିବୃତ୍ତିରେ ପହେଲଗାଓଁ ଆତଙ୍କବାଦୀ ଆକ୍ରମଣର ନିନ୍ଦା କରାଯିବା ସଂଗେ ସଂଗେ ସନ୍ତ୍ରାସବାଦ ପ୍ରସଙ୍ଗରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିବା ଏବଂ ଆନ୍ତର୍ଜାତୀୟ ଆଇନର ଅନୁପାଳନକରି ସମସ୍ତ ରାଷ୍ଟ୍ର ଆତଙ୍କବାଦର ମୁକାବିଲା କରିବା ଉଚିତ ବୋଲି ମଧ୍ୟ ଆହ୍ୱାନ ଦିଆଯାଇଛି। ତେବେ କାନାଡାଠାରେ ଅନୁଷ୍ଠିତ ଜି-ସେଭେନ କିମ୍ବା ଚୀନରେ ଅନୁଷ୍ଠିତ ସାଂଘାଇ ସମ୍ମିଳନୀରେ ପହେଲଗାଓଁ ଆତଙ୍କବାଦୀ ଆକ୍ରମଣର ବିରୋଧିତାକରି କୌଣସି ମିଳିତ ବିବୃତ୍ତି ଜାରୀ କରାଇବା ପାଇଁ ଭାରତ ବ୍ୟର୍ଥ ହୋଇଛି। ଏହାପରେ ବ୍ରିକ୍ସ ଓ କୋୟାର୍ଡ ବୈଠକରେ ପହେଲଗାଓଁର ଆତଙ୍କବାଦୀ ଆକ୍ରମଣ ସଂପର୍କରେ ଏହି ଦୁଇଟି ମିଳିତ ବିବୃତ୍ତିକୁ କେନ୍ଦ୍ର ବିଜେପି ସରକାର ଏହାର ବିରାଟ କୂଟନୈତିକ ସଫଳତା ବୋଲି ପ୍ରଚାର କରୁଛି। ସଂପ୍ରତି ସଂସଦରେ ଅପରେସନ ସିନ୍ଦୁରକୁ ନେଇ ଚର୍ଚ୍ଚା ଅବସରରେ ମଧ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରସଙ୍ଗ ଉତ୍‌ଥାପନ କରାଯାଇଛି। କିନ୍ତୁ ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠୁଛି ଏହି ଘୋଷଣାରେ ଭାରତର ସଫଳତାଟା ରହିଲା କେଉଁଠି? ଘଟଣା ଘଟିବାପରେ ହିଁ ପହେଲଗାଓଁ ଘଟଣାର ନିନ୍ଦା ପୃଥିବୀର ପ୍ରାୟ ସମସ୍ତ ଦେଶ କରିଛନ୍ତି। ନିରିହ, ନିରସ୍ତ୍ର ୨୬ଜଣ ଲୋକଙ୍କ ବିଭତ୍ସ ହତ୍ୟାକୁ ନିନ୍ଦା କରିବ ନାହିଁ ଏହା କୌଣସି ଦେଶ ପକ୍ଷରେ ସମ୍ଭବ ନଥିଲା। ଅସଲ କଥା ହେଉଛି ଏହି ଆକ୍ରମଣ ପାଇଁ ପାକିସ୍ଥାନକୁ ଦାୟୀକରି ମିଳିତ ବିବୃତ୍ତିଜାରୀ କରାଇବାପାଇଁ ଭାରତ ସରକାର ଲଗାତର ଉଦ୍ୟମ କରୁଥିଲା। ମାତ୍ର ଏହି ଉଦ୍ୟମ ବିଫଳ ହୋଇଛି। ପହେଲଗାଓଁଠାରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ଥାନକୁ ଦାୟୀ କରିବା କ୍ଷେତ୍ରରେ କୌଣସି ଦେଶକୁ ସମ୍ମତ କରିବାପାଇଁ ଭାରତ ସରକାର ସକ୍ଷମ ହୋଇନାହିଁ। ସେଥିପାଇଁ ଏହା ଭାରତର ବିରାଟ କୂଟନୈତିକ ବିଫଳତା। ମୂଳ ପ୍ରଶ୍ନ ହେଉଛି ଏହି ଗଣହତ୍ୟା ଘଟାଇଥିବା ଆତଙ୍କବାଦୀମାନେ କିଏ? ସେମାନଙ୍କର ପରିଚୟ କଣ? ସେମାନଙ୍କୁ କିଏ ମଦଦ ଦେଉଛି? ଏହି ପ୍ରଶ୍ନ ଗୁଡିକର ଯୁକ୍ତି ଯୁକ୍ତ ଓ ବିଶ୍ୱାସଯୋଗ୍ୟ ପ୍ରମାଣ ବିଶ୍ୱର ଜନସାଧାରଣଙ୍କ ସମ୍ମୁଖରେ ଭାରତ ସରକାର ଉପସ୍ଥାପନ କରିପାରିଛି କି? ଯଦି ଏହି ଧରଣର ପ୍ରମାଣ ଭାରତ ସରକାର ଉପସ୍ଥାପନ କରିଛି, ତାହେଲେ ବିଶ୍ୱର ଅନ୍ୟ ଦେଶମାନେ ଭାରତ ସହିତ ସହମତ ହେଲେନାହିଁ କାହିଁକି? ଭାରତ କାହିଁକି ଏହି ପ୍ରଶ୍ନରେ କୌଣସି ବନ୍ଧୁ ରାଷ୍ଟ୍ର ଖୋଜି ପାଇଲା ନାହିଁ? ଏଥିପାଇଁ କିଏ ଦାୟୀ? ସଂପ୍ରତି ଅପରେଶନ ସିନ୍ଦୁର ଉପରେ ସଂସଦରେ ଚର୍ଚ୍ଚାରେ ଭାଗନେଇ ପହେଲଗାଓଁ ଆତଙ୍କବାଦୀ ଆକ୍ରମଣରେ ଲିପ୍ତ ୩ଜଣ ଆତଙ୍କବାଦୀଙ୍କୁ ମାରି ଦିଆଯାଇଛି ବୋଲି କରିଥିବା ଯୁକ୍ତି ଅତ୍ୟନ୍ତ ପିଲାଳିଆ ଓ ହାସ୍ୟାସ୍ପଦ।

ପହେଲଗାଓଁ ଗଣହତ୍ୟା ପରେ ପରେ ଭାରତ ସରକାର ଘୋଷଣା କରିଥିଲେ ଯେ ଏହା ପଛରେ ପାକିସ୍ଥାନରେ ଆଡ୍ଡା ଜମାଇଥିବା ଲସ୍କରେ ତୋୟେବାର ମଦଦପୁଷ୍ଟ ଟିଆରଏଫ୍ ଆତଙ୍କବାଦୀ ସଂଗଠନ ରହିଛି। ସେଥିପାଇଁ ଏହି ଆକ୍ରମଣ ପାଇଁ ଭାରତ ସରକାର ପାକିସ୍ଥାନକୁ ଦାୟୀ କରିଥିଲା।

ପହେଲଗାଓଁ ଗଣହତ୍ୟା ପରେ ସମଗ୍ର ଦେଶରେ ସୃଷ୍ଟି ହୋଇଥିବା ପ୍ରବଳ କ୍ଷୋଭକୁ ପ୍ରଶମିତ କରିବାପାଇଁ କେନ୍ଦ୍ର ସରକାର ପାକିସ୍ଥାନ ଉପରେ ସାମରିକ ଆକ୍ରମଣ କରିଥିଲେ। ସରକାରଙ୍କ ପକ୍ଷରୁ ଦାବି କରାଯାଇଥିଲା ଯେ ଏହି ଆକ୍ରମଣରେ ପାକିସ୍ଥାନରେ ଥିବା ଆତଙ୍କବାଦୀ ଆଡ୍ଡା ଗୁଡିକୁ ଧ୍ୱଂସ କରାଯାଇଛି ଏବଂ ଶତାଧିକ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଛି। ଆହୁରିମଧ୍ୟ କେନ୍ଦ୍ର ବିଜେପି ସରକାର ଦାବି କରିଥିଲେ ଯେ ଏହି ଆକ୍ରମଣ ଫଳରେ ଆତଙ୍କବାଦକୁ ପ୍ରୋତ୍ସାହିତ ଓ ଲାଳିତପାଳିତ କରୁଥିବା ପାକିସ୍ଥାନର ମୁଖା ସମଗ୍ର ବିଶ୍ୱ ସମ୍ମୁଖରେ ଖୋଲିଦେବା ସମ୍ଭବ ହୋଇଛି। ପାକିସ୍ଥାନକୁ ଏକଘରିକିଆ କରିଦିଆ ଯାଇଛି।

ଭାରତ ପାକିସ୍ଥାନ ମଧ୍ୟରେ ସାମରିକ ଆକ୍ରମଣ ପ୍ରତିଆକ୍ରମଣ ତିନିଦିନ ଧରି ଚାଲିବାପରେ ହଠାତ୍ ସମଗ୍ର ବିଶ୍ୱକୁ ଚକିତ କରି ମାର୍କିନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବିରତି ଘୋଷଣା କରିଦେଲେ। ଭାରତ ସରକାର ମଧ୍ୟ ଚୁପଚାପ ଟ୍ରମ୍ପଙ୍କ ଘୋଷଣାକୁ ମାନିନେଲେ। ପହେଲଗାଓଁ ଗଣହତ୍ୟା ସଂଗଠିତ କରିଥିବା ଆତଙ୍କବାଦୀ ମାନଙ୍କୁ ଚିହ୍ନିତ କରିବା, ସେମାନଙ୍କୁ ଭାରତ ସରକାର ହାତରେ ଅର୍ପଣ କରିବା, ପାକିସ୍ଥାନରେ ଆଶ୍ରୟ ନେଇଥିବା ଅନ୍ୟ ଆତଙ୍କବାଦୀ ମାନଙ୍କୁ ମଧ୍ୟ ଭାରତକୁ ହସ୍ତାନ୍ତର କରିବା, ଭବିଷ୍ୟତରେ ପାକିସ୍ଥାନ ଆଉ ଆତଙ୍କବାଦକୁ ପ୍ରୋତ୍ସାହିତ କରିବ ନାହିଁ କିମ୍ବା ଆତଙ୍କବାଦୀ ମାନଙ୍କୁ ଆଶ୍ରୟ ଦେବନାହିଁ ବୋଲି ଘୋଷଣା କରିବା - ଏସବୁ କୌଣସି ବିଷୟ ଭାରତ ସରକାର ଯୁଦ୍ଧ ବିରତିର ପ୍ରାକ ସର୍ତ୍ତ ଭାବରେ ରଖିଲେ ନାହିଁ। ଏତେଗୁଡିଏ ନିରିହ ଲୋକଙ୍କ ହତ୍ୟାପାଇଁ ଟ୍ରମ୍ପ ସାହେବଙ୍କ ମୁହଁରେ ପାକିସ୍ଥାନର ନିନ୍ଦା ଟିକକବି ଭାରତ ସରକାର କରାଇ ପାରିଲେ ନାହିଁ। କାହିଁକି କରାଇ ପାରିଲେ ନାହିଁ? କାହିଁକି ସନ୍ତ୍ରାସବାଦର ମୁକାବିଲା ପ୍ରଶ୍ନରେ ଏହିଭଳି ସୁଯୋଗକୁ କେନ୍ଦ୍ର ବିଜେପି ସରକାର ହାତଛଡା କରିଦେଲା? ତା'ହେଲେ ବ୍ୟବସାୟ ବାଣିଜ୍ୟ ବନ୍ଦ କରିବାପାଇଁ ଧମକ ଦେଇ ଯୁଦ୍ଧ ବିରତି କରାଇଛନ୍ତି ବୋଲି ଟ୍ରମ୍ପ ଯେଉଁ ଦାବି କରୁଛନ୍ତି ତାହା କଣ ସତ୍ୟ? ତାହେଲେ କ'ଣ ଭାରତ ସରକାରକ ପାଇଁ ବାଣିଜ୍ୟିକ ସ୍ୱାର୍ଥ ସନ୍ତ୍ରାସବାଦ ମୁକାବିଲାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ? ସଂସଦରେ ସଂପ୍ରତି ଏହି ପ୍ରସଙ୍ଗରେ ଆଲୋଚନାରେ ଭାଗନେଇ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟ୍ରମ୍ପଙ୍କ ସଂପର୍କରେ କିଛିବି କହିବାକୁ ସାହସ କଲେନାହିଁ।

ପହେଲଗାଓଁ ଆତଙ୍କବାଦୀ ଆକ୍ରମଣ ଓ ଅପରେସନ ସିନ୍ଦୁର ପରିପ୍ରେକ୍ଷୀରେ ଭାରତ ସରକାର ଜନସାଧାରଣଙ୍କର ଗୋଟିଏ ସରଳ ପ୍ରଶ୍ନର ଉତ୍ତର ଦେଇପାରିଲେ ନାହିଁ। ପ୍ରଶ୍ନଟି ହେଉଛି- ଯୁଦ୍ଧରୁ ଭାରତ ସରକାର କଣ ଫାଇଦା ପାଇଲେ? ଯେଉଁ ଟ୍ରମ୍ପଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ବନ୍ଧୁ ବୋଲି କହିଆସିଛନ୍ତି, ତାଙ୍କୁ କୁଣ୍ଢେଇବା ଛବି ଗଣମାଧ୍ୟମରେ ପ୍ରଚାରିତ କରି ତାଙ୍କ ସମର୍ଥକମାନେ ମୋଦିଙ୍କୁ ବିଶ୍ୱର ଜଣେ ବଡ ନେତା ଭାବରେ ଚିତ୍ରଣ କରିବାକୁ ଉଦ୍ୟମ କରିଆସିଛନ୍ତି, ସେହି ଟ୍ରମ୍ପଙ୍କ କଥା ତ ଦୂରରେ ଥାଉ ବିଶ୍ୱର ଅନ୍ୟ କୌଣସି ନେତା କାହିଁକି ପହେଲଗାଓଁ ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ଥାନର ନିନ୍ଦା କଲେ ନାହିଁ। କାହିଁକି ସମଗ୍ର ବିଶ୍ୱ ବୁଲି ବୁଲି 'ବିଶ୍ୱଗୁରୁ' ଜଣେ ହେଲେ ବନ୍ଧୁ ଖୋଜି ପାଇଲେ ନାହିଁ?

ଅନ୍ୟ ଦିଗରେ ଅପରେସନ ସିନ୍ଦୁରକୁ କେନ୍ଦ୍ରକରି ଦେଶର ଅଭ୍ୟନ୍ତରରେ ବିଜେପି-ଆରଏସ୍‌ଏସ୍ ବାହିନୀ ଉଗ୍ର ମୁସଲମାନ ବିଦ୍ୱେଷ ସୃଷ୍ଟିକରି ଏଭଳି ଭାବରେ ହିନ୍ଦୁତ୍ୱର ଜୁଆର ସୃଷ୍ଟି କଲେ ଯେ ବିରୋଧି ଦଳମାନେ ମଧ୍ୟ ସେହି ଜୁଆରରେ ଭାସିଗଲେ। ସନ୍ତ୍ରାସବାଦର ମୁକାବିଲା ଆଳରେ ବିରୋଧି ଦଳ ଗୁଡିକ ସରକାରକୁ ଯାହା ଇଚ୍ଛା ତା କରିବା ପାଇଁ ବ୍ଲାଙ୍କ ଚେକ ଦେଇଦେଲେ। ଏହି ସୁଯୋଗକୁ ଧୂର୍ତ୍ତ ବିଜେପି ସରକାର ହାତଛଡା କଲାନାହିଁ। ସମଗ୍ର ବିଶ୍ୱର ସରକାରମାନଙ୍କୁ ପହେଲଗାଓଁ ଗଣହତ୍ୟା ଓ ବହୁପ୍ରଚାରିତ ଅପରେସନ ସିନ୍ଦୁର ସଂପର୍କରେ ବୁଝାଇବା ଆଳରେ ସର୍ବଦଳୀୟ ସାଂସଦୀୟ ଦଳ ଗଠନ କଲା ଏବଂ ବିରୋଧୀ ଦଳଗୁଡିକ ଏହାକୁ ବିନା ବିଚାରରେ ଗ୍ରହଣ କଲେ। ଏହିଭଳି ଭାବରେ କେନ୍ଦ୍ର ବିଜେପି ସରକାର ସୁକୌଶଳରେ ପହେଲଗାଓଁ ଗଣହତ୍ୟାରେ ଏହାର ଗୁରୁତର ତ୍ରୁଟିରୁ ଦେଶର ଲୋକଙ୍କ ଦୃଷ୍ଟି କିଛିଟା ଅନ୍ୟତ୍ର ଅପସାରିତ କରିପାରିଲା। ପ୍ରାୟ ୩ ସପ୍ତାହ ପରେ ଏହି ସାଂସଦମାନେ ଜନସାଧାରଣଙ୍କ ଟିକସ ଟଙ୍କାରେ ବିଶ୍ୱ ଭ୍ରମଣକରି ଫେରି ଆସିଲେ। ମାତ୍ର ଏହାର ଫଳ କଣ ହେଲା? କାନାଡାରେ ଅନୁଷ୍ଠିତ ଜି-ସେଭେନ ସମ୍ମିଳନୀରେ ସ୍ୱୟଂ ପ୍ରଧାନମନ୍ତ୍ରୀ ଉପସ୍ଥିତ ରହିଥିଲେ ମଧ୍ୟ ମିଳିତ ପ୍ରସ୍ତାବରେ ପହେଲଗାଓଁ ଆକ୍ରମଣ ପାଇଁ ପାକିସ୍ଥାନର ନାମ ଉଲ୍ଲେଖ କରାଇ ପାରିଲେନାହିଁ। ସାଂଘାଇ ସମ୍ମିଳନୀରେ ପ୍ରତିରକ୍ଷା ମନ୍ତ୍ରୀ ମଧ୍ୟ ଏଭଳି କରିବାରେ ଅସମର୍ଥ ହେଲେ। ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠୁଛି ପହେଲଗାଓଁ ଭଳି ଏକ ବିଭତ୍ସ ହତ୍ୟାକାଣ୍ଡ, ଯାହାପାଇଁ ପାକିସ୍ଥାନ ଦାୟୀ ବୋଲି ଘୋଷଣା କରି ଭାରତ ସାମରିକ ଅଭିଯାନ ଚଳାଇଲା ଇସ୍ରାଏଲ ବ୍ୟତୀତ ଅନ୍ୟ କୌଣସି ଦେଶ କାହିଁକି ଏଥିପାଇଁ ପାକିସ୍ଥାନକୁ ନିନ୍ଦା କଲେନାହିଁ? ତାହେଲେ ସଂସଦୀୟ ଦଳ ଗୁଡିକ ବିଶ୍ୱ ଭ୍ରମଣକରି କାହାକୁ କଣ ବୁଝାଇଲେ? ବାସ୍ତବରେ ଏହି ସଂସଦୀୟ ଦଳଗୁଡିକ ବିଦେଶକୁ ଯାଇ ଯେ କେବଳ ଶୂନ୍ୟରେ ଖଣ୍ଡା ବୁଲାଇ ଫେରି ଆସିଛନ୍ତି ଏବଂ ସେମାନଙ୍କ ପଛରେ ଖର୍ଚ୍ଚ ହୋଇଥିବା କୋଟି କୋଟି ଟଙ୍କା ଯେ ପାଣିରେ ପଡିଛି ସେକଥା ବୁଝିବାରେ କୌଣସି ଅସୁବିଧା ନାହିଁ। ପ୍ରଧାନମନ୍ତ୍ରୀତ ସମଗ୍ର ବିଶ୍ୱରେ ଘୁରିବୁଲିବା ଏବଂ ରାଷ୍ଟ୍ରମୁଖ୍ୟ ମାନଙ୍କୁ କୁଣ୍ଢାଇବାରେ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପ୍ରଧାନମନ୍ତ୍ରୀ ମଧ୍ୟ କି ବନ୍ଧୁତ୍ୱ ପ୍ରତିଷ୍ଠା କଲେ ଯେ କୌଣସି ଗୋଟିଏ ହେଲେ ଦେଶର ସମର୍ଥନ ମିଳିଲା ନାହିଁ। ଏଥିପାଇଁ କଣ ସରକାରଙ୍କ ଅଯୋଗ୍ୟତା, ଭ୍ରାନ୍ତ ବୈଦେଶିକ ନୀତି ଦାୟୀ ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି?

ଅନ୍ୟ ଦିଗରେ ଭାରତର ତୀବ୍ର ବିରୋଧିତା ସତ୍ତ୍ୱେ ମଧ୍ୟ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(IMF) ପାକିସ୍ଥାନକୁ ଏକ ମିଲିୟନ ଡଲାର ଋଣ ମଞ୍ଜୁର କରିଛି। ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ୫୦୦ ମିଲିୟନ ଡଲାର ପରିମାଣର ବିଶେଷ ପ୍ୟାକେଜ୍ ପାକିସ୍ଥାନକୁ ମଞ୍ଜୁର କରିଛି। ଏପରିକି ମିଳିତ ଜାତିସଂଘର ନିରାପତ୍ତା ପରିଷଦର ସନ୍ତ୍ରାସବାଦ ବିରୋଧୀ କମିଟିର ଉପସଭାପତି ଭାବରେ ପାକିସ୍ଥାନ ମନୋନୀତ ହୋଇଛି।

ପାକିସ୍ଥାନ ସହିତ ଭାରତର ଶତ୍ରୁତା କଂଗ୍ରେସ ଶାସନ ସମୟରୁହିଁ ରହି ଆସିଛି। ଏହି ଶତ୍ରୁତାକୁ ଦୁଇଦେଶର ଶାସକ ପୁଞ୍ଜିପତି ଶ୍ରେଣୀ ନିଜର ସ୍ୱାର୍ଥରେ ହିଁ ଜିଆଇ ରଖିଛନ୍ତି। ଜନବିରୋଧୀ ପୁଞ୍ଜିବାଦୀ ଶାସକ ମାନଙ୍କର କୁଶାସନ ଫଳରେ ଜନରୋଷ ଉତ୍ତାଳ ହେଲେ ଜନରୋଷରୁ ନିଜକୁ ବଂଚାଇବାପାଇଁ ଦୁଇଦେଶର ଶାସକମାନେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଏହି ଶତ୍ରୁତାକୁ କାମରେ ଲଗାଇ ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରନ୍ତି। ବାସ୍ତବରେ ବିଜେପି କେନ୍ଦ୍ରରେ କ୍ଷମତାସୀନ ହେବାପରେ ଏହି ଶତ୍ରୁତା ଆହୁରି ବୃଦ୍ଧି ପାଇଛି। ସମସ୍ତ ପ୍ରତିବେଶୀ ଦେଶମାନଙ୍କ ସହିତ ଭାରତ ସରକାରର ସଂପର୍କ ଖରାପ ହୋଇଛି। ମାତ୍ର ପ୍ରତିବେଶୀମାନଙ୍କ ସହିତ ସଂପର୍କ ସ୍ୱାଭାବିକ କରିବା ଦିଗରେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ବରଂ ଭାରତୀୟ ରାଷ୍ଟ୍ରର ଆଂଚଳିକ ବୃହତ ଶକ୍ତିଭାବରେ ଆଧିପତ୍ୟବାଦ ଓ ହିନ୍ଦୁରାଷ୍ଟ୍ର ପ୍ରତିଷ୍ଠା ପାଇଁ ଘୋଷଣା ପ୍ରତିବେଶୀ ରାଷ୍ଟ୍ରମାନଙ୍କ ମଧ୍ୟରେ ଭୟ ଓ ସନ୍ଦେହର ବାତାବରଣ ସୃଷ୍ଟି କରିଛି। ଭାରତୀୟ ଏକଚାଟିଆ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ ପଡୋଶୀ ଦେଶମାନଙ୍କ ଉପରେ ଭାରତର ଶାସକମାନେ ଯେଉଁ ଆଧିପତ୍ୟବାଦ ପ୍ରଦର୍ଶନ କରୁଛନ୍ତି ସେହି ଆଧିପତ୍ୟବାଦର ପ୍ରତିକ୍ରିୟାରେ ପ୍ରତିବେଶୀ ଦେଶର ସାଧାରଣ ଲୋକଙ୍କ ମଧ୍ୟରେ ଉଗ୍ର ଭାରତ ବିରୋଧୀ ମାନସିକତା ସୃଷ୍ଟି ହେଉଛି। ଏହାର ସୁଯୋଗ ନେଉଛି ଆଉ ଏକ ସାମ୍ରାଜ୍ୟବାଦୀ ଦେଶ ଚୀନ। ଚୀନ ଏହିସବୁ ଦେଶ ଉପରେ ପ୍ରଭାବ ବିସ୍ତାର କରୁଛି।

ଅନ୍ୟ ଦିଗରେ ଦକ୍ଷିଣପୂର୍ବ ଏସିଆ ଓ ଭାରତ ମହାସାଗର ଅଂଚଳରେ ଚୀନର ମୁକାବିଲା କରିବାକୁ ଯାଇ ଭାରତ ସରକାର ଆମେରିକାର ଫାନ୍ଦରେ ଗୋଡ ଦେଇଛି। ବନ୍ଧୁତ୍ୱର ଦ୍ୱାହିଦେଇ ଚୀନ ବିରୁଦ୍ଧରେ ଆମେରିକା ଭାରତକୁ ବ୍ୟବହାର କରୁଛି। ଆମେରିକା ଯେ କେବେହେଲେ କାହାରି ବନ୍ଧୁ ହୋଇପାରିବ ନାହିଁ ସେକଥା ରାଷ୍ଟ୍ରପତି ଭାବରେ ଟ୍ରମ୍ପଙ୍କର ଦ୍ୱିତୀୟ ଥର ବିଜୟ ପରେ ଭାରତୀୟ ସାମଗ୍ରୀ ଉପରେ ଚଢା ଶୁଳ୍କ ଲାଗୁକରିବା ଓ ପ୍ରବାସୀ ଭାରତୀୟମାନଙ୍କୁ ଅତ୍ୟନ୍ତ ଅପମାନଜନକ ଓ ଅମାନୁଷିକ ଭାବରେ ଆମେରିକାରୁ ବିତାଡନ କରିବାରୁ ପ୍ରମାଣିତ ହୋଇଛି। ସାମ୍ରାଜ୍ୟବାଦୀ-ପୁଞ୍ଜିବାଦୀ ଦେଶମାନଙ୍କ ମଧ୍ୟରେ କେହି କାହାରି ବନ୍ଧୁ ନୁହେଁ। ଏହି ଦେଶମାନଙ୍କର ନିଜ ନିଜ ମଧ୍ୟରେ ଦ୍ୱନ୍ଦ୍ୱ ସମନ୍ୱୟ ନିର୍ଦ୍ଧାରିତ ହୁଏ ନିଜ ଦେଶର ଶାସକ ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥର ଭିତ୍ତିରେ। ଏହି ଦ୍ୱନ୍ଦ୍ୱରେ କେତେବେଳେ ସାମାନ୍ୟ ସୁବିଧାଜନକ ପରିସ୍ଥିତି ଆସେ ପୁଣି କେତେବେଳେ ଅସୁବିଧା ସୃଷ୍ଟି ହୁଏ।

ଋଷିଆ ସହିତ ଭାରତର ବନ୍ଧୁତ୍ୱ ବିଷୟରେ ଅନେକ କିଛି କୁହାଯାଉଛି। ଋଷିଆରୁ ଭାରତ ବିପୁଳ ପରିମାଣର ତେଲ ଓ ଅସ୍ତ୍ରଶସ୍ତ୍ର ଖରିଦ କରୁଛି। ଫ୍ରାନ୍ସରୁ ରାଫେଲ ଯୁଦ୍ଧ ବିମାନ ଖରିଦ କରିଛି। ତା'ସତ୍ତ୍ୱେ ମଧ୍ୟ ଋଷିଆ କିମ୍ବା ଫ୍ରାନ୍ସ କେହିହେଲେ ପହେଲଗାଓଁ ଗଣହତ୍ୟା ପାଇଁ ପାକିସ୍ଥାନକୁ ଦାୟୀ କରିବାପାଇଁ ରାଜି ନୁହଁନ୍ତି।

ଭାରତ ସ୍ୱାଧୀନତା ଅର୍ଜନ କରିବା ପରଠାରୁହିଁ ପାଲେଷ୍ଟାଇନର ସ୍ୱାଧୀନତାକୁ ସମର୍ଥନ କରିଛି। ମାତ୍ର କେନ୍ଦ୍ର ବିଜେପି ସରକାର ଦେଶର ଏକଚାଟିଆ ପୁଞ୍ଜିପତି ମାନଙ୍କ ବ୍ୟବସାୟିକ ସ୍ୱାର୍ଥ ରକ୍ଷା କରିବାକୁ ଯାଇ ଗାଜାରେ ପୈଶାଚିକ ଗଣହତ୍ୟା ଚଳାଇଥିବା ଉଗ୍ର ଇହୁଦୀବାଦୀ ଇସ୍ରାଏଲକୁ ସମର୍ଥନ କରୁଛି। ଏହା ସହିତ ରହିଛି ବିଜେପି-ଆରଏସ୍‌ଏସ୍‌ର ମୁସଲମାନ ବିଦ୍ୱେଷ। ମିଳିତ ଜାତିସଂଘରେ ଗାଜାରେ ଯୁଦ୍ଧ ବିରତି ପ୍ରସ୍ତାବ ସପକ୍ଷରେ ଭୋଟ ଦାନରୁ ଭାରତ ବିରତ ରହିଛି। ଏହାଫଳରେ ପଶ୍ଚିମ ଏସିଆର ଜନସାଧାରଣଙ୍କ ମଧ୍ୟରେ ଭାରତ ବିରୋଧୀ ମନୋଭାବ ବୃଦ୍ଧି ପାଉଛି।

ୟୁକ୍ରେନ ଉପରେ ସାମ୍ରାଜ୍ୟବାଦୀ ଋଷିଆର ଆକ୍ରମଣ ସମୟରେ ଭାରତ ସରକାର ଋଷିଆ ପକ୍ଷରୁ ଆକ୍ରମଣକୁ ବିରୋଧ କରିନାହିଁ। ବରଂ ଏହି ସୁଯୋଗରେ ଋଷିଆ ନିକଟରୁ ଶସ୍ତା ତେଲ ସମେତ ଅନ୍ୟାନ୍ୟ ସୁବିଧା ସୁଯୋଗ ନେଇଛି। ଅନ୍ୟପଟରେ ପ୍ରଧାନମନ୍ତ୍ରୀ କହୁଛନ୍ତି ଏହା ଯୁଦ୍ଧର ସମୟ ନୁହେଁ, ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ। ଇରାନ ଉପରେ ଇସ୍ରାଏଲ-ଆମେରିକାର ଆକ୍ରମଣକୁ ବିରୋଧିତା ନକରି ଭାରତ ସରକାର ଆଳାପ ଆଲୋଚନା ଜରିଆରେ ସମସ୍ତ ସମସ୍ୟାର ସମାଧାନ କରିବା କଥା କହି ଦାୟିତ୍ୱ ସମାପ୍ତ କରିଛି। ପୁଣି ସେହି ଭାରତ ପାକିସ୍ଥାନ ସହିତ ଆଳାପ ଆଲୋଚନା ଓ କୂଟନୀତିର ରାସ୍ତା ଗ୍ରହଣ କରିବା ପରିବର୍ତ୍ତେ ସନ୍ତ୍ରାସବାଦ ଦମନ ଆଳରେ ସିଧାସଳଖ ସାମରିକ ଆକ୍ରମଣ କରିଛି। ଏହି ପ୍ରକ୍ରିୟାରେ ପାକିସ୍ଥାନ ସନ୍ତ୍ରାସବାଦକୁ ଲାଳନପାଳନ କରିବା ବିଷୟଟିକୁ କୂଟନୈତିକ ସ୍ତରରେ ବିଶ୍ୱର ଜନସାଧାରଣଙ୍କ ସମ୍ମୁଖରେ ତୋଳିଧରି ପାକିସ୍ଥାନକୁ ଏକଘରିକିଆ କରିବାର ସୁଯୋଗଟିକୁ ଭାରତ ସରକାର ହାତଛଡା କରିଛି। କେବଳ ସେତିକି ନୁହେଁ, ଏହି ପ୍ରକ୍ରିୟାରେ ଭାରତ ନିଜେ ବିଶ୍ୱରେ ଏକଘରିକିଆ ହୋଇଯାଇଛି। ପୂର୍ବ ଆଲୋଚନାରୁ ପାଠକମାନେ ଏହାର ସତ୍ୟତା ସଂପର୍କରେ ଅବଗତ। ଗତ ୧୧ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କର ଶହ ଶହ ବିଦେଶ ଗସ୍ତ ଓ ସରକାରଙ୍କ ସମସ୍ତ ଦାବି ସତ୍ତ୍ୱେ ଏହାହିଁ ବାସ୍ତବ ସ୍ଥିତି। ସେଥିପାଇଁ ବୁଡି ଯାଉଥିବା ଲୋକର କୁଟା ଖିଅକୁ ଆଶ୍ରା କରିବା ଭଳି ବ୍ରିକ୍ସ ବା କୋୟାଡ ସମ୍ମିଳନୀ ପାକିସ୍ଥାନର ନାମ ଉଚ୍ଚାରଣ ନକରି ସାଧାରଣ ଭାବରେ ପହେଲଗାଓଁ ଘଟଣାର ନିନ୍ଦାକୁହିଁ ବିରାଟ ସାଫଲ୍ୟ ହିସାବରେ ପ୍ରଚାର କରି ଭାରତ ସରକାର ଦେଶର ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରୁଛନ୍ତି।

★★★

## ବିହାର ନିର୍ବାଚନ ...

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ସେଥିପାଇଁ ଆଧାରକୁ ପ୍ରମାଣ ହିସାବରେ ଗ୍ରହଣ କରାଯିବ ନାହିଁ ବୋଲି ସରକାର ଓ ନିର୍ବାଚନ କମିଶନ ଯୁକ୍ତି କରୁଛନ୍ତି। ଆଧାର କାର୍ଡ କ୍ଷେତ୍ରରେ ଯଦି ଦୁର୍ନୀତି ହୋଇଛି ତା'ହେଲେ ସେଥିପାଇଁ କିଏ ଦାୟୀ? ଏଥିପାଇଁ ସରକାର ଦାୟୀ ନା ସାଧାରଣ ନାଗରିକମାନେ ଦାୟୀ? ଏଥିପାଇଁ ଭୋଟରମାନଙ୍କ ଫଟୋଥିବା ଏବଂ ନିର୍ବାଚନ କମିଶନ ପକ୍ଷରୁ ଜାରୀ କରାଯାଇଥିବା ଭୋଟ ପରିଚୟ ପତ୍ର କାହିଁକି ଗ୍ରହଣୀୟ ହେବ ନାହିଁ? ନିର୍ବାଚନ କମିଶନ ତ ସବୁ ପ୍ରକାର ଯାଂଚ କରି ଏହି କାର୍ଡ ପ୍ରଦାନ କରିଛି। ଆଧାର ଓ ଭୋଟ ପରିଚୟ ପତ୍ର ପାଇଁ ସାଧାରଣ ଲୋକଙ୍କ ଟିକସ ଅର୍ଥରୁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହା ସତ୍ତ୍ୱେ ମଧ୍ୟ ଏ କ୍ଷେତ୍ରରେ ଯଦି କିଛି ତ୍ରୁଟି ଥାଏ ତାହେଲେ ପୁଣି ସେହି ତ୍ରୁଟି ତ କେବେହେଲେ ସାଧାରଣ ଭୋଟରର ନୁହେଁ। କମିଶନ ଓ ସରକାରର ଅପଦାର୍ଥତାର ଦାୟଦାୟିତ୍ୱ ସାଧାରଣ ନାଗରିକ ମାନଙ୍କ ମୁଣ୍ଡରେ ଲଦି ଦିଆଯାଉଛି କାହିଁକି?

କାହିଁକି ନିର୍ବାଚନ କମିଶନକୁ ଆଗରେ ରଖି ବିଜେପି ଏହି ଧରଣର ପରିକଳ୍ପନା ଗ୍ରହଣ କଲା? ବିଜେପି ବର୍ତ୍ତମାନ ସମଗ୍ର ଦେଶରେ ଏକ ଆତଙ୍କର ବାତାବରଣ ସୃଷ୍ଟିକରିବାକୁ ଚାହୁଁଛି। ସାଧାରଣ ଲୋକ ଆଜି ବିଜେପି ସରକାରର କୁଶାସନରେ ଅତିଷ୍ଠ, ନିଯୁକ୍ତି, ଶିକ୍ଷା, ଅଧିକାର ଦାବିରେ କ୍ଷୋଭରେ ଫାଟିପଡିବାର ଦ୍ୱାର ଦେଶରେ। ଏହି ପରିସ୍ଥିତିରେ ବିଜେପି ଦଳ ଓ ସରକାର ମାନେ ଦେଶର ବିକ୍ଷୁବ୍ଧ ଜନସାଧାରଣଙ୍କର କ୍ଷୋଭକୁ ଭିନ୍ନ ଦିଗରେ ପରିଚାଳିତ କରିବାପାଇଁ 'ଅନୁପ୍ରବେଶକାରୀ' ଭୂତ ଠିଆ କରିବାକୁ ଉଦ୍ୟମ କରୁଛନ୍ତି। ମାତ୍ର ବାସ୍ତବରେ ସେମାନେ ଏତେ ସଂଖ୍ୟକ ଅନୁପ୍ରବେଶକାରୀ ପାଇବେ କେଉଁଠୁ? ସେଥିପାଇଁ ଅନ୍ୟ ରାଜ୍ୟରୁ ଆସିଥିବା ଶ୍ରମିକ, ସଂଖ୍ୟାଲଘୁ ସଂପ୍ରଦାୟ ବିଶେଷକରି ବଙ୍ଗଳାଭାଷା କହୁଥିବା ମୁସଲମାନ ଧର୍ମାବଲମ୍ବୀ ମାନଙ୍କ ବିରୁଦ୍ଧରେ ନାନା ରାଜ୍ୟରେ ଅପପ୍ରଚାର ଚଳାଇ, ଅବିଶ୍ୱାସର ବାତାବରଣ ସୃଷ୍ଟିକରି ସେମାନଙ୍କ 'ଅନୁପ୍ରବେଶକାରୀ' ତତ୍ତ୍ୱକୁ ସଠିକ୍ ପ୍ରମାଣ କରିବାକୁ ଉଦ୍ୟମ କରାଯାଉଛି। କେନ୍ଦ୍ର ବିଜେପି ସରକାରର ଏହି ଯୋଜନା ଅନୁଯାୟୀ ସରକାରୀ ଦଲାଲରେ ପରିଣତ ହୋଇଥିବା ଏକଚାଟିଆ ପୁଞ୍ଜିପତି ମାନଙ୍କ ମାଲିକାନାଧିନ ଗଣମାଧ୍ୟମ ଲଗାତର ଅପପ୍ରଚାର ଚଳାଇଛି। ଏହାଫଳରେ ସମଗ୍ର ଦେଶରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେଉଛି। ଏହି ଉଦ୍ଦେଶ୍ୟରେ ହିଁ ସମଗ୍ର ଦେଶରେ ଏନ୍‌ଆରସି ଲାଗୁ କରିବାପାଇଁ କେନ୍ଦ୍ର ବିଜେପି ସରକାର ପୂର୍ବରୁ ଉଦ୍ୟମ କରିଥିଲା। ଏହି ଉଦ୍ୟମ ପ୍ରତିବାଦରେ ସମଗ୍ର ଦେଶରେ ଗଣଆନ୍ଦୋଳନ ଗଢିଉଠିବା ଫଳରେ ସମଗ୍ର ଦେଶରେ ଏନ୍‌ଆରସି ଲାଗୁ କରିବା ନିଷ୍ପତ୍ତିରୁ କେନ୍ଦ୍ର ବିଜେପି ସରକାର ସାମୟିକ ଭାବରେ ଓହରି ଯାଇଥିଲେ ମଧ୍ୟ ପଛଦ୍ୱାର ବାଟେ ଏହାକୁ ଚାଲୁ କରିବାର ଉଦ୍ୟମ ପୁନର୍ବାର ଆରମ୍ଭ ହୋଇଛି। ଏନ୍‌ଆରସିକୁ କେନ୍ଦ୍ରକରି ବିଜେପି ଆସାମରେ କି ଧରଣର ସାଂଘାତିକ ସାଂପ୍ରଦାୟିକ ପରିସ୍ଥିତି ସୃଷ୍ଟି କଲା ସେ ଅଭିଜ୍ଞତା ଆସାମର ଜନସାଧାରଣଙ୍କର ରହିଛି। ବିଜେପି ମନେକରୁଛି ଏହି କାମଟି ସଫଳତାର ସହିତ କରିପାରିଲେ ଦେଶରେ ସାଂପ୍ରଦାୟିକ ବିଭାଜନକୁ ଚୂଡାନ୍ତ ରୂପ ଦେଇ ହିନ୍ଦୁ ଭୋଟବ୍ୟାଙ୍କ ଆଧାରରେ ଦୀର୍ଘ ବର୍ଷ ଧରି କ୍ଷମତା ଉପଭୋଗ କରିପାରିବ ଏବଂ ଏକଚାଟିଆ ପୁଞ୍ଜିପତି ମାନଙ୍କ ସେବାଦାସର ଭୂମିକା ପାଳନ କରିପାରିବ। ଏକଚାଟିଆ ପୁଞ୍ଜିପତି ଶ୍ରେଣୀ ଅବାଧରେ ତାର ଶୋଷଣର ରାଜତ୍ୱ ବଳବତ୍ତର ରଖିପାରିବ। ବିଜେପି ଉପରେ ମଧ୍ୟ ପୁଞ୍ଜିପତିମାନଙ୍କ ଆଶୀର୍ବାଦ ବଜାୟ ରହିପାରିବ।

ତେବେ ଅନୁପ୍ରବେଶ ରୋକିବା ଏବଂ ଦେଶର ସୀମା ଜଗିବା ଦାୟିତ୍ୱ ଯେ କେନ୍ଦ୍ର ସରକାରର ଏବଂ ତାହା ପୁଣି ପ୍ରଧାନମନ୍ତ୍ରୀଙ୍କର ଏକାନ୍ତ ବିଶ୍ୱସ୍ତ କେନ୍ଦ୍ର ଗୃହ ମନ୍ତ୍ରୀଙ୍କର। ସେହି କଥାଟିକୁ ଲୁଚାଇ ଦେବାପାଇଁ ବିଜେପି ପକ୍ଷରୁ ଉଦ୍ୟମ ଚାଲିଛି। କେବଳ ମାତ୍ର ଦେଶରେ ସାଂପ୍ରଦାୟିକ ଧ୍ରୁବୀକରଣ କରିବା, ସାଂପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରିବା ଉଦ୍ଦେଶ୍ୟରେ ହିଁ ଭୋଟ ତାଲିକାରେ ନାଁ ଉଠାଇବା ଭଳି ଏକ ସ୍ୱାଭାବିକ ପ୍ରକ୍ରିୟାକୁ ନିର୍ବାଚନ କମିଶନ ଏତେ ଜଟିଳ କରିଛି। ଏହାକୁ ପୁଣି ଭୋଟର ମାନଙ୍କର ନାଗରିକତା ସହିତ ଯୁକ୍ତ କରିଛି। ବିହାରରେ ପ୍ରାୟ ୭କୋଟି ୫୦ ଲକ୍ଷ ଭୋଟରଙ୍କ ନାଗରିକତାର ଯାଂଚ ୨୮ ଦିନ ମଧ୍ୟରେ କରିବାକୁ ଘୋଷଣା କରିଥିବା ନିର୍ବାଚନ କମିଶନ ଗୋଟିଏ ସରଳ ପ୍ରଶ୍ନର ଉତ୍ତର ଦେଇପାରିନାହିଁ। ମହାରାଷ୍ଟ୍ରରେ ନିର୍ଦ୍ଦିଷ୍ଟ କେତୋଟି ବିଧାନସଭା କ୍ଷେତ୍ରରେ ଗତ ସାଧାରଣ ନିର୍ବାଚନ ଏବଂ ଏହାର ୬ମାସ ପରେ ଅନୁଷ୍ଠିତ ରାଜ୍ୟ ବିଧାନସଭା ନିର୍ବାଚନ ମଧ୍ୟରେ କିଭଳି ବିପୁଳ ସଂଖ୍ୟକ ନୂଆ ଭୋଟର ଯୁକ୍ତ ହେଲେ? ସମଗ୍ର ମହାରାଷ୍ଟ୍ରରେ ଅତ୍ୟନ୍ତ ସ୍ୱଳ୍ପ ଦିନର ବ୍ୟବଧାନରେ ଏତେ ସଂଖ୍ୟକ ନୂଆ ଭୋଟର କେଉଁଠୁ ଆସିଲେ? ନିର୍ବାଚନ କମିଶନ ଏହାର ମଧ୍ୟ ଉତ୍ତର ଦେଇ ପାରିନାହିଁ- କିଭଳି ଭାବରେ ଗତ ସାଧାରଣ ନିର୍ବାଚନରେ ଭୋଟ ଶେଷ ହେବାର ୨୪ଘଣ୍ଟା ପରେ ଭୋଟ ଦାତାଙ୍କ ସଂଖ୍ୟା ବିପୁଳ ପରିମାଣରେ ବଢିଗଲା। ଏହିଭଳି ପରିସ୍ଥିତିରେ ବିହାରରେ ଅତି ଅଳ୍ପଦିନ ମଧ୍ୟରେ ଏହିଭଳି ନୂଆ ଭୋଟର ତାଲିକା ପ୍ରସ୍ତୁତ କରିବାପାଇଁ ନିର୍ବାଚନ ଆୟୋଗର ନିର୍ଦ୍ଦେଶ ବିରୁଦ୍ଧରେ ବିହାର ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏହି ବିଶେଷ ଅଭିଯାନକୁ ଅବିଳମ୍ବେ ବନ୍ଦ କରିବା ଏବଂ ଦେଶର ସମସ୍ତ ନାଗରିକଙ୍କର ଭୋଟ ଦେବାର ଅଧିକାରକୁ ସୁନିଶ୍ଚିତ କରିବାପାଇଁ ପାର୍ଟି ପକ୍ଷରୁ ଦୃଢ ଦାବି କରାଯାଇଛି।

# ସାତକୋଶିଆରୁ ବିସ୍ଥାପନ ବନ୍ଦ କରିବା ଦାବିରେ ଅନୁଗୁଳ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ

ସାତକୋଶିଆ ଅଭୟାରଣ୍ୟରୁ ସ୍ୱେଚ୍ଛାକୃତ ସ୍ଥାନାନ୍ତରଣ ନାଁରେ କରାଯାଉଥିବା ବଳପୂର୍ବକ ବିସ୍ଥାପନ ବନ୍ଦ କରିବା, ହାତୀ ତଥା ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଉପଦ୍ରବରୁ ଚାଷଜମି ଓ ବାସଭୂମିର ସୁରକ୍ଷା ପାଇଁ କଂକ୍ରିଟ୍ ୱାଲ୍ ସହିତ ସୌର ତାରବାଡର ବ୍ୟବସ୍ଥା କରିବା, ବନ୍ୟଜନ୍ତୁଙ୍କ ଉପଦ୍ରବରେ କ୍ଷତିଗ୍ରସ୍ତ ଲୋକଙ୍କୁ ସାତ ଦିନ ମଧ୍ୟରେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା, ସାତକୋଶିଆର ଜୈବ ବିବିଧତା, ପ୍ରାକୃତିକ ପରିବେଶର ସୁରକ୍ଷା ଏବଂ ପର୍ଯ୍ୟଟନ ବିକାଶ କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବା, ଟିକରପଡାରୁ ବାଲିପୁଟ ଏବଂ ଟିକରପଡାରୁ ବିନିକେଇ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ସହିତ ଯାତାୟତ କଟକଣା ଉଠାଇଦେବା, ବାଲିପୁଟଠାରୁ ବିନିକେଇ ପର୍ଯ୍ୟନ୍ତ ମହାନଦୀରେ ଯାତ୍ରୀବାହୀ ଡଙ୍ଗା ଚଳାଇବା, ପରିବେଶ ବିକାଶ ସମିତି (ଇଡିସି)ରେ ଗଚ୍ଛିତ ଅର୍ଥକୁ ବିଭିନ୍ନ ଗ୍ରାମର ବିକାଶ କାର୍ଯ୍ୟରେ ଖର୍ଚ୍ଚ କରିବା, ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କର ମହାନଦୀରେ ମାଛ ଧରିବାର ମୌଳିକ ଅଧିକାରକୁ ସୁରକ୍ଷିତ କରିବା, ସାତକୋଶିଆ ଅଭୟାରଣ୍ୟର ସମସ୍ତ ଗାଁରେ ୨୪ଘଣ୍ଟିଆ ମୋବାଇଲ୍ ନେଟୱାର୍କର ସୁବ୍ୟବସ୍ଥା କରିବା ପ୍ରଭୃତି ଦାବିରେ ଜୁନ ୨୦ ତାରିଖରେ 'ଭିଟାମାଟି ଓ ଜୀବନଜୀବିକା ସୁରକ୍ଷା କମିଟି, ସାତକୋଶିଆ' ପକ୍ଷରୁ ଅନୁଗୁଳ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଛି । ସାତକୋଶିଆ ଅଭୟାରଣ୍ୟସ୍ଥ ଟିକରପଡା ପଞ୍ଚାୟତର ଟିକରପଡା, କରଡାପଡା, ହାତୀବାରୀ, ଗଇଁନ୍ଦି, ବେହେରାସାହି, ମଝିପଡା, ରାମିମୁଣ୍ଡା ପ୍ରଭୃତି ଗ୍ରାମ ସମେତ ସାତକୋଶିଆ ଅଂଚଳରୁ ଆସିଥିବା ୫୦୦ରୁ ଅଧିକ ଜନସାଧାରଣ ଶୋଭାଯାତ୍ରାରେ ସହର ପରିକ୍ରମା କରି ବିକ୍ଷୋଭ ସ୍ଥଳରେ ପହଂଚିଥିଲେ । ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ କମିଟିର ସଭାପତି ବିଦ୍ୟାଧର ପ୍ରଧାନଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ବିକ୍ଷୋଭରେ ଟିକରପଡାର ସରପଂଚ ସୌମ୍ୟରଞ୍ଜନ ସାହୁ, କମିଟିର ଉପସଭାପତି




ତ୍ରିନାଥ ସାହୁ, ପ୍ରଫୁଲ୍ଲ ଦେହୁରୀ, ସମ୍ପାଦକ ଜୟରାମ ସାହୁ, ଫକୀର ଜାନି, ସୁବୋଧ ସାମଲ, ରବିନ୍ଦ୍ର ବାରିକ, କମିଟିର ଉପଦେଷ୍ଟା ତୀର୍ଥବାସୀ ଭୋଇ, ମାନସ ପାଳ, ଅନୁଗୁଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ଆବାହକ ତଥା ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନ, ନବକିଶୋର ପ୍ରଧାନ, ତରୁଣ ଦେହୁରୀ, ନିରୋଦ ପାଳ, ତ୍ରିଲୋଚନ ଜେନା ପ୍ରମୁଖ ବକ୍ତବ୍ୟ ରଖି ନିଜର ଭିଟାମାଟି ଛାଡିବାକୁ ଚାହୁଁ ନଥିବା ସଂଖ୍ୟା ଗରିଷ୍ଠ ସ୍ଥାନୀୟ ଅଧିବାସୀଙ୍କ ଶହ ଶହ ବର୍ଷର ଭିଟାମାଟି ଏବଂ ଜୀବନଜୀବିକାର ସୁରକ୍ଷା ଦାବି କରିଥିଲେ । ସାତକୋଶିଆ ଅଭୟାରଣ୍ୟରେ ଜଙ୍ଗଲ ବିଭାଗର ଜଙ୍ଗଲୀ ଶାସନ ଚାଲିଛି ବୋଲି ବକ୍ତା ମାନେ ଅଭିଯୋଗ କରିଥିଲେ। ବିକ୍ଷୋଭ ସ୍ଥଳରୁ ଏକ ୧୦ଜଣିଆ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିବା ସହିତ ଦାବି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ଦାବି ସମ୍ପର୍କରେ ଜିଲ୍ଲା ପ୍ରଶାସନ, ବନ ବିଭାଗ ଓ ଗଣ କମିଟି ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଗଣ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା।

# ଏଆଇଡିଓ୍ୱାଇଓ ପକ୍ଷରୁ ଅନୁଗୁଳରେ ଦୁଇଦିନିଆ ଯୁବ ଶିବିର ଉଦ୍‌ଯାପିତ




ସମସ୍ତ ବେକାରଙ୍କୁ କର୍ମ ନିଯୁକ୍ତି, ମହିଳା ମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା, ମଦ, ଡ୍ରଗ୍ସ ଓ ବ୍ରାଉନ ସୁଗାର ଭଳି ମାରାତ୍ମକ ମାଦକ ଦ୍ରବ୍ୟକୁ ନିଷିଦ୍ଧ କରିବା ଏବଂ ଅଶ୍ଳୀଳତା ଓ ଅପସଂସ୍କୃତି ପ୍ରଚାର ପ୍ରସାର ବନ୍ଦ କରିବା ଦାବିରେ ଭାରତବର୍ଷର ଲଢୁଆ ଯୁବ ସଂଗଠନ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ୟୁଥ୍ ଅର୍ଗାନାଇଜେସନ୍ (ଏଆଇଡିଓ୍ୱାଇଓ) ପକ୍ଷରୁ ଦୁଇ ଦିନିଆ ଯୁବ ଶିବିର ଅନୁଗୁଳର ନାଲକୋ ନଗରଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ କମିଟି ସମ୍ପାଦକ ଅମରଜିତ୍ କୁମାର ରକ୍ତ ପତାକା ଉତ୍ତୋଳନ କରିବା ପରେ ଶହୀଦ ବେଦୀରେ ମାଲ୍ୟାର୍ପଣ କରାଯାଇଥିଲା। ସଂଗଠନର ରାଜ୍ୟ ସଭାପତି କମ୍ରେଡ୍ ମାନସ ପାଳଙ୍କ ସଭାପତିତ୍ୱରେ ସଂଗଠନର ରାଜ୍ୟ ସମ୍ପାଦକ କେଦାରନାଥ ସାହୁ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଗଠନର କେନ୍ଦ୍ରୀୟ କମିଟିର ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ମଳୟ ପାଲ ଏବଂ ଅଫିସ ସମ୍ପାଦକ ବିଜୟାନନ୍ଦ ମଲ୍ଲିକ ସାମ୍ପ୍ରତିକ ସମୟରେ ଭାରତବର୍ଷର ଯୁବକ ମାନଙ୍କ ଜୀବନର ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିବାସହ ସଂଗଠନର ୬୦ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପୀ ଦୀର୍ଘସ୍ଥାୟୀ ଯୁବ ଆନ୍ଦୋଳନ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଆହ୍ୱାନ ଦେଇଥିଲେ। ଶେଷ ଅଧିବେଶନରେ ଏସ୍‌ୟୁସିଆଇ(ସି)ର କେନ୍ଦ୍ରୀୟ କମିଟି ସଭ୍ୟ ତଥା ଓଡ଼ିଶା ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତା, ସମାଜ ପ୍ରଗତିରେ ଯୁବ ସମାଜର ଭୂମିକା ଏବଂ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସଂଗଠନର ପ୍ରତିଷ୍ଠାତା ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ଗାନ ମଧ୍ୟ ଦେଇ ଯୁବ ଶିବିର ଉଦ୍‌ଯାପିତ ହୋଇଥିଲା।

# ପ୍ରବାସୀ ଶ୍ରମିକମାନଙ୍କ ନାମ ନିଜ ନିଜ ଅଂଚଳର ଭୋଟ ତାଲିକାରେ ରଖିବାପାଇଁ ଏଆଇୟୁଟିୟୁସିର ଦାବି

ଭାରତର ନିର୍ବାଚନ କମିଶନ ପ୍ରବାସୀ ଶ୍ରମିକମାନଙ୍କର ନାମ ସେମାନଙ୍କ ଘର ଠିକଣାର ଭୋଟ ତାଲିକାରୁ ବାଦଦେଇ ଅନ୍ୟରାଜ୍ୟରେ ସେମାନଙ୍କ କର୍ମକ୍ଷେତ୍ର ଠିକଣାରେ ତାଲିକାଭୁକ୍ତ କରିବାପାଇଁ ଯେଉଁ ନକ୍ସା ପ୍ରସ୍ତୁତ କରିଛି ଶ୍ରମିକ ସଂଗଠନ ଏଆଇୟୁଟିୟୁସି ତାକୁ ତୀବ୍ର ବିରୋଧ କରିଛି। ସଂଗଠନର ସାଧାରଣ ସଂପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତା ଜୁଲାଇ ୫ତାରିଖରେ ଜାରୀ ଏକ ବିବୃତ୍ତିରେ କହିଛନ୍ତି ଯେ ଏହାଫଳରେ କୋଟି କୋଟି ପ୍ରବାସୀ ଶ୍ରମିକ ଭୋଟ ଦେବା ଏବଂ ନିର୍ବାଚନରେ ଅଂଶଗ୍ରହଣ କରିବାର ଗଣତାନ୍ତ୍ରିକ ଅଧିକାରରୁ ବଂଚିତ ହେବେ। କମ୍ରେଡ୍ ଦାସଗୁପ୍ତା କହିଛନ୍ତି, କାମ ପାଇବା କ୍ଷେତ୍ରରେ ଦେଖାଦେଇଥିବା ଚୂଡାନ୍ତ ଅନିଶ୍ଚିତତା ଫଳରେ ଯେଉଁମାନେ ନିଜ ରାଜ୍ୟ ଛାଡି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରାଜ୍ୟରେ କାମ କରିବାକୁ ବାଧ୍ୟ ହେଉଛନ୍ତି ସେମାନଙ୍କ ନାମ କେଉଁ ରାଜ୍ୟର ଭୋଟର ତାଲିକାରେ ରହିବ? ଏହି ପ୍ରବାସୀ ଶ୍ରମିକ ମାନଙ୍କ ବିଶାଳ ଅଂଶ ହେଉଛନ୍ତି ଚୁକ୍ତିବଦ୍ଧ ଶ୍ରମିକ। ଫଳରେ ସେମାନଙ୍କୁ ଗୋଟିଏ ରାଜ୍ୟରୁ ଅନ୍ୟରାଜ୍ୟକୁ ଘୁରିବୁଲିବାକୁ ହୁଏ। ଏଥିରୁ ସ୍ପଷ୍ଟ ଯେ ବିରାଟ ସଂଖ୍ୟକ ନାଗରିକ ମାନଙ୍କର ଅଧିକାର ହନନ କରିବା ପାଇଁ ଏହା ଏକ ହୀନ ପରିକଳ୍ପନା, ଯାହା ଭୋଟ ସ୍ୱାର୍ଥରେ ଏବଂ ଭାରତର ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥରେ ବିଜେପି ସରକାର କରୁଛି।

ଦେଶରେ ଶ୍ରମଜୀବୀ ଓ ଗଣତନ୍ତ୍ରପ୍ରେମୀ ଜନସାଧାରଣ, ବିଶେଷକରି କୋଟି କୋଟି ପ୍ରବାସୀ ଶ୍ରମିକମାନଙ୍କୁ ଏହି ନିଷ୍ପତ୍ତି ବିରୁଦ୍ଧରେ ଆନ୍ଦୋଳନରେ ସାମିଲ ହୋଇ ସରକାରଙ୍କର ଏହି ଷଡଯନ୍ତ୍ରକୁ ପଣ୍ଡ କରିବାପାଇଁ କମ୍ରେଡ୍ ଦାସଗୁପ୍ତା ଆହ୍ୱାନ ଜଣାଇଛନ୍ତି।

# ଭୋଟ ଅଧିକାରରୁ ଜଣେହେଲେ ନାଗରିକଙ୍କୁ ଯେଭଳି ବଂଚିତ କରାନଯାଏ

-ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)

ବିହାର ଭୋଟର ତାଲିକାରେ ବିଶେଷ ଧରଣର ସଂଶୋଧନ କର୍ମସୂଚୀ ବନ୍ଦ କରିବା ଦାବିରେ ଜୁନ ୨୮ତାରିଖରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ବିହାର ରାଜ୍ୟ କମିଟିର ଏକ ପ୍ରତିନିଧି ଦଳ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତକରି ତାଙ୍କ ଜରିଆରେ ଦେଶର ନିର୍ବାଚନ କମିଶନଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛି। ଦଳର ବିହାର ରାଜ୍ୟ ସଂପାଦକ ତଥା କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ ଅରୁଣ ସିଂହ ଏହି ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ।

ଏହି ପ୍ରସଙ୍ଗରେ କମ୍ରେଡ୍ ଅରୁଣ ସିଂହ କହିଛନ୍ତି ଯେ ଏହି କର୍ମସୂଚୀ ସଂପୂର୍ଣ୍ଣ କରିବାପାଇଁ ନିର୍ବାଚନ କମିଶନ ଏକ ସମୟସୀମା ଧାର୍ଯ୍ୟ କରିଦେଇଛନ୍ତି। ଏତେ ସ୍ୱଳ୍ପ ସମୟ ମଧ୍ୟରେ ବିହାରର ୭କୋଟି ୫୦ଲକ୍ଷରୁ ଅଧିକ ଭୋଟରଙ୍କ ନାମ ଯାଂଚ କରିବା ସମୟରେ ଗୁରୁତର ତ୍ରୁଟିର ସମ୍ଭାବନା ରହିଛି। ଏହା ଫଳରେ ବହୁ ଭୋଟର ଭୋଟ ଅଧିକାରରୁ ବଂଚିତ ହୋଇପାରନ୍ତି। ସେ ଆହୁରି କହିଛନ୍ତି-ଭୋଟଦାନ ହେଉଛି ପ୍ରତ୍ୟେକ ନାଗରିକଙ୍କର ଗଣତାନ୍ତ୍ରିକ ଅଧିକାର। ଏହି ଯାଂଚ ପ୍ରକ୍ରିୟାରେ ଯେଭଳି ଜଣେବି ଭୋଟର ଭୋଟ ଦାନର ଅଧିକାରରୁ ବଂଚିତ ନହୁଅନ୍ତି ତାହା ନିଶ୍ଚିତ କରିବାପାଇଁ କମ୍ରେଡ୍ ସିଂହ ନିର୍ବାଚନ କମିଶନଙ୍କୁ ନିବେଦନ କରିଛନ୍ତି। ଭୋଟ ତାଲିକାର ଏହି ବିଶେଷ ଯାଂଚ ପ୍ରକ୍ରିୟା ବନ୍ଦ କରିବାପାଇଁ ମଧ୍ୟ ଦଳ ପକ୍ଷରୁ ଦାବି କରାଯାଇଛି।

Regd.No-ORI ORI/2011/37220 • VOL. NO. 12, ISSUE NO. 12 • ମୂଲ୍ୟ-୫ଟଙ୍କା

# ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟିର ପ୍ରୟାତ ସଦସ୍ୟ କମ୍ରେଡ୍ ଅଜୟ ମହାନ୍ତିଙ୍କ ଶୋକସଭା



ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ରାଜ୍ୟକମିଟି ସଦସ୍ୟ ତଥା ସୁନ୍ଦରଗଡ ଜିଲ୍ଲା କମିଟିର ପୂର୍ବତନ ସଂପାଦକ କମ୍ରେଡ୍ ଅଜୟ ମହାନ୍ତି ଜୁନ ୧୬ତାରିଖରେ ରାଉରକେଲା ଇସ୍ପାତ ଜେନେରାଲ ହସ୍‌ପିଟାଲରେ ପ୍ରାୟ ୭୦ବର୍ଷ ବୟସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ପାର୍ଟି ରାଜ୍ୟ କମିଟି ଉଦ୍ୟୋଗରେ ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ଜୁଲାଇ ୧୦ତାରିଖ ପୂର୍ବାହ୍ନରେ କମ୍ରେଡ୍ ଅଜୟ ମହାନ୍ତିଙ୍କ ରାଜ୍ୟସ୍ତରୀୟ ସ୍ମରଣସଭା ଆୟୋଜିତ ହୋଇଛି। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ଅଫିସ ସଂପାଦିକା କମ୍ରେଡ୍ ସ୍ୱୟଂପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମରଣ ସଭାରେ ପାର୍ଟିର ରାଜ୍ୟ ସଂପାଦକ ତଥା କେନ୍ଦ୍ରୀୟ କମିଟିର ସଦସ୍ୟ କମ୍ରେଡ୍ ଶଙ୍କର ଦାସଗୁପ୍ତା ଓ ରାଜ୍ୟ ସଂପାଦକ ମଣ୍ଡଳୀର ବରିଷ୍ଠ ସଦସ୍ୟ କମ୍ରେଡ୍ ବିଷ୍ଣୁ ଦାସ ବକ୍ତବ୍ୟ ରଖିଥିଲେ। ସଭା ଆରମ୍ଭରେ ପ୍ରୟାତ କମ୍ରେଡ ମହାନ୍ତିଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା। ସଂଗୀତ ଗୋଷ୍ଠୀଦ୍ୱାରା ସର୍ବହରାର ମହାନ ନେତା, ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ ତଥା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ପ୍ରତିଷ୍ଠାତା ସାଧାରଣ ସଂପାଦକ କମ୍ରେଡ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ପରିବେଷଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କମ୍ରେଡ ଅଜୟ ମହାନ୍ତିଙ୍କ ପ୍ରତି ରାଜ୍ୟ କମିଟିର ଶ୍ରଦ୍ଧାର୍ଘ୍ୟ ସଭାର ସଭାପତି ପାଠ କରିଥିଲେ ଏବଂ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବତା ଅବଲମ୍ବନ କରାଯାଇଥିଲା।

କମ୍ରେଡ ଶଙ୍କର ଦାସଗୁପ୍ତା ତାଙ୍କର ଆଲୋଚନାରେ ପ୍ରଥମେ ପାର୍ଟିର ପ୍ରିୟ ପୂର୍ବତନ ରାଜ୍ୟ ସଂପାଦକ ତଥା କେନ୍ଦ୍ରୀୟ କମିଟିର ସଦସ୍ୟ କମ୍ରେଡ୍ ତାପସ ଦତ୍ତ ଓ ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ କମିଟିର ସଦସ୍ୟ କମ୍ରେଡ୍ ଶୀତେଷ ଦାସଗୁପ୍ତଙ୍କ ଘନିଷ୍ଠ ସହାଚାର୍ଯ୍ୟ ଫଳରେ ପାର୍ଟିର ଜଣେ ସମର୍ପିତ ବିପ୍ଳବୀ ଯୋଦ୍ଧା ଭାବରେ କମ୍ରେଡ୍ ଅଜୟ ମହାନ୍ତିଙ୍କ ଉତ୍ତରୋତ୍ତର ବିକାଶ ଏବଂ ତାଙ୍କ ଜୀବନର କେତେକ ବିରଳ ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଏହାବ୍ୟତୀତ ଛାତ୍ର ଜୀବନରୁ ଆରମ୍ଭକରି ଦୀର୍ଘ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ତାଙ୍କର ବିପ୍ଳବୀ ସଂଗ୍ରାମର ଇତିବାଚକ ଦିଗ ଗୁଡିକରୁ ଶିକ୍ଷା ନେବାକୁ କମ୍ରେଡ ଶଙ୍କର ଦାସଗୁପ୍ତ ପାର୍ଟି କମ୍ରେଡ ମାନଙ୍କୁ ଆହ୍ୱାନ ଦେଇଥିଲେ। କମ୍ରେଡ୍ ବିଷ୍ଣୁ ଦାସ ତାଙ୍କର ସଂକ୍ଷିପ୍ତ ଅଭିଭାଷଣରେ କମ୍ରେଡ୍ ଅଜୟ ମହାନ୍ତି ତାଙ୍କ ବିପ୍ଳବୀ ଜୀବନର ଅତ୍ୟନ୍ତ ପ୍ରାରମ୍ଭିକ ଅବସ୍ଥାରୁ ଶେଷ ଜୀବନ ପର୍ଯ୍ୟନ୍ତ ପରିଚାଳନା କରିଥିବା ଜୀବନ ସଂଗ୍ରାମର କେତେକ ଉଜ୍ଜ୍ୱଳ ଦିଗକୁ ତୋଳି ଧରିଥିଲେ। ଆନ୍ତର୍ଜାତୀୟ ସଂଗୀତ ପରିବେଷଣ ପରେ ସଭା ସାଙ୍ଗ ହୋଇଥିଲା।

ଜୁଲାଇ ୧ ତାରିଖରେ ଏସ୍‌ୟୁସିଆଇ(ସି) ସୁନ୍ଦରଗଡ ଜିଲ୍ଲା କମିଟି ଉଦ୍ୟୋଗରେ ରାଉରକେଲା ଡେଲି ମାର୍କେଟ୍ ସ୍ଥିତ ୱାର୍କର୍ସ ଆଣ୍ଡ ପିଜାଣ୍ଟସ୍ ହାଉସଠାରେ ପ୍ରୟାତ କମ୍ରେଡ ଅଜୟ ମହାନ୍ତିଙ୍କ ସ୍ମରଣ ସଭା ଅନୁଷ୍ଠିତ ହୋଇଥିଲା। ପାର୍ଟି ସୁନ୍ଦରଗଡ ଜିଲ୍ଲା କମିଟିର ବରିଷ୍ଠ ସଦସ୍ୟ କମ୍ରେଡ୍ ସତ୍ୟପ୍ରିୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମରଣ ସଭାରେ ପାର୍ଟି ରାଜ୍ୟ ସଂପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତ, ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ବିଷ୍ଣୁ ଦାସ ଏବଂ କମ୍ରେଡ୍ ଛବି ମହାନ୍ତି, ରାଜ୍ୟ କମିଟି ସଦସ୍ୟ ତଥା ସୁନ୍ଦରଗଡ ଜିଲ୍ଲା ସଂପାଦକ କମ୍ରେଡ ଅଜିତ ନାୟକ ପ୍ରମୁଖ ଯୋଗଦେଇ କମ୍ରେଡ ମହାନ୍ତିଙ୍କ ପ୍ରତି ଗଭୀର ବିପ୍ଳବୀ ଶ୍ରଦ୍ଧା ନିବେଦନ କରିଥିଲେ। ଏହି ସଭାରେ ରାଉରକେଲା ସମେତ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଶତାଧିକ ପାର୍ଟି କର୍ମୀ, ସମର୍ଥକ ଓ ଦରଦୀ ଯୋଗ ଦେଇଥିଲେ।

★★★

# ଛାତ୍ରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଓ ବିଭିନ୍ନ ଶିକ୍ଷାଗତ ଦାବିରେ ଏଆଇଡିଏସଓ ପକ୍ଷରୁ

## ବିଶାଳ ରାଜ୍ୟସ୍ତରୀୟ ଛାତ୍ର ବିକ୍ଷୋଭ




ବାଲେଶ୍ୱର, ବଲଙ୍ଗା, ଗୋପାଳପୁର, ଜଗତସିଂହପୁର ସମେତ ରାଜ୍ୟରେ ଛାତ୍ରୀମାନଙ୍କ ଉପରେ ବଢି ଚାଲିଥିବା ନିର୍ଯ୍ୟାତନା, ଦୁଷ୍କର୍ମ, ଗଣଦୁଷ୍କର୍ମରେ ଜଡିତ ଅପରାଧୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ସଂପୃକ୍ତ ଅଭିଯୁକ୍ତ ତଥା ଛାତ୍ରୀଙ୍କ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନେଇନଥିବା ବ୍ୟକ୍ତିମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିବା, ଶିକ୍ଷାନୁଷ୍ଠାନର ବାହାରେ ଓ ଭିତରେ ଛାତ୍ରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା, ବନ୍ଦ ହୋଇଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟ ତୁରନ୍ତ ଖୋଲିବା, ଆବଶ୍ୟକ ସଂଖ୍ୟକ ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀ ପଦବୀ ସ୍ଥାୟୀ ଭିତ୍ତିରେ ପୂରଣ କରିବା, ତୁରନ୍ତ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା କରିବା, ରେସନାଲାଇଜେସନ୍ ନୀତି ଆଳରେ ଅଧ୍ୟାପକ ପଦବୀ ଉଚ୍ଛେଦ ଷଡଯନ୍ତ୍ର ବନ୍ଦ କରିବା, ଛାତ୍ରଛାତ୍ରୀମାନଙ୍କୁ ଫ୍ରି ବସ୍ ପାସ୍ ଯୋଗାଇଦେବା, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷା ନୀତି - ୨୦୨୦ ବାତିଲ କରିବା, ଆଡମିସନ-ରିଆଡମିଶନ ସମେତ ଶିକ୍ଷା କ୍ଷେତ୍ରରେ ସମସ୍ତ ପ୍ରକାର ଫିସ୍ ବୃଦ୍ଧି ପ୍ରତ୍ୟାହାର କରିବା ଇତ୍ୟାଦି ଦାବିରେ ଏଆଇଡିଏସଓ, ଓଡିଶା ରାଜ୍ୟ ପରିଷଦ ପକ୍ଷରୁ ରାଜ୍ୟ ସଚିବାଳୟ ସମ୍ମୁଖରେ ୨୩ ଜୁଲାଇ ଦିନ ବିଶାଳ ରାଜ୍ୟ ସ୍ତରୀୟ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ହଜାର ହଜାର ଛାତ୍ରଛାତ୍ରୀ ଉପରୋକ୍ତ ଦାବିକୁ ନେଇ ସ୍ଲୋଗାନ ଦେଇ ଏକ ସୁସଜ୍ଜିତ ପଟୁଆରରେ ରାଜମହଲ ଛକରୁ ଆସି ସଚିବାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସ୍ଥଳରେ ଏଆଇଡିଏସଓ ରାଜ୍ୟ ସମ୍ପାଦକ କମ୍ରେଡ୍ ସିଦ୍ଧାର୍ଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସଭାପତି କମ୍ରେଡ୍ ସୋମନାଥ ବେହେରା, କେନ୍ଦ୍ରୀୟ ପରିଷଦର ଅନ୍ୟତମ ଯୁଗ୍ମ ସମ୍ପାଦକ କମ୍ରେଡ୍ ସମର ମାହାତୋ, ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରନେତାମାନେ ନିଜର ବକ୍ତବ୍ୟ ରଖିଥିଲେ । ଏଆଇଡିଏସଓ ରାଜ୍ୟ ସଭାପତି କମ୍ରେଡ୍ ସୋମନାଥ ବେହେରାଙ୍କ ନେତୃତ୍ୱରେ ରାଜ୍ୟ ଉପ-ସଭାନେତ୍ରୀ କମ୍ରେଡ୍ ନିରୁପମା ବେହେରା, କୋଷାଧ୍ୟକ୍ଷା କମ୍ରେଡ୍ ସପ୍ତର୍ଷିନୀ ରାଉଳ, ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ହରେକୃଷ୍ଣ ଦାସ, ମଧୁସୂଦନ ବାଗ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀରେ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟର ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ପାଖରୁ ସଂଗୃହୀତ ଦସ୍ତଖତ ସମ୍ବଳିତ ଦାବି ପତ୍ର ପ୍ରଦାନ କରିଥିଲେ। ଛାତ୍ର ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପ-ସଭାପତି କମ୍ରେଡ୍ ଭାଗ୍ୟରବି ଦାସ, ସୁନୀଲ ଭୋଇ, ଅଫିସ ସମ୍ପାଦକ ନସିମ ସରକାର, ସମ୍ପାଦକ ମଣ୍ଡଳୀ ସଦସ୍ୟ ପରମାନନ୍ଦ ସାହୁ, ବିନୋଦ ସେଠୀ, ସଂଯୁକ୍ତା ସାହୁ, ପ୍ରଭାତୀ ମଲ୍ଲିକ, ତରୁଣସେନ ନାୟକ, ପ୍ରଶାନ୍ତ ଦାସ, ମଧୁସୂଦନ ନାଏକ, ନିମାଇଁ ଚରଣ ସାହୁ, ନାରାୟଣ ନାୟକ, ଇଷା ଧର, ଫୁଲଚାନ୍ଦ ଲୋହାର, ନାରାୟଣ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଓ ବଲଙ୍ଗା ଘଟଣାରେ ସଂପୃକ୍ତ ସମସ୍ତ ଅପରାଧୀଙ୍କୁ କଠୋର ଦଣ୍ଡ ଓ ଅନ୍ୟାନ୍ୟ ଦାବିରେ ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ସଚିବାଳୟ ଘେରାଉ




ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ କଠୋର ଦଣ୍ଡ ବିଧାନ,ବଲଙ୍ଗା ଛାତ୍ରୀ ପୋଡିରେ ସମ୍ପୃକ୍ତ ସମସ୍ତ ଆସାମୀଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ ଶାସ୍ତି ଦେବା ସହିତ ରାଜ୍ୟ ରେ ସର୍ବତ୍ର ଘଟି ଚାଲିଥିବା ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା, ଶିକ୍ଷାନୁଷ୍ଠାନରେ ଯୌନ ଶୋଷଣ ଓ ମାନସିକ ନିର୍ଯାତନା ଆଦି ଘଟଣାରେ ଅପରାଧୀ ମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ରୀମାନଙ୍କ ସମେତ ସର୍ବତ୍ର ଶିଶୁକନ୍ୟା, ଛାତ୍ରୀ ଓ ମହିଳା ମାନଙ୍କର ନିରାପତ୍ତା ସୁନିଶ୍ଚିତ କରିବା, ମଦ ମାଦକ ଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ଇଣ୍ଟରନେଟ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତା-ନଗ୍ନତା ଓ ଯୌନ ବ୍ୟଭିଚାରର ପ୍ରସାର ବନ୍ଦ କରିବା ଦାବିରେ ଜୁଲାଇ ୨୩ ରେ ରାଜ୍ୟ ସଚିବାଳୟ ସମ୍ମୁଖରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଙ୍ଗଠନର ରାଜ୍ୟ ସଭାନେତ୍ରୀ କମ୍ରେଡ୍ ସ୍ୱୟଂପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି ରାଜ୍ୟରେ ଛାତ୍ରୀ ଓ ମହିଳାମାନଙ୍କ ନିରାପତ୍ତାହୀନ ସ୍ଥିତି ପରିପ୍ରେକ୍ଷୀରେ ଗଭୀର ଉଦବେଗ ପ୍ରକାଶ କରିଥିଲେ ଓ ସମଗ୍ର ନାରୀ ସମାଜ ଏହି ସମସ୍ୟା ବିରୁଦ୍ଧରେ ଲଢେଇ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ, ତରଙ୍ଗିଣୀ ଦାସ, ରାଜଶ୍ରୀ ମହାନ୍ତି , ଶର୍ମିଷ୍ଠା ସେଠୀ, ମନ୍ଦୋଦରୀ ରାଉଳ, ମାଳବିକା ସାମଲ, ପ୍ରଭାମଞ୍ଜୁଳା ବ୍ରହ୍ମ, ପ୍ରଗତିବାଳା ନାୟକ, ସରୋଜିନୀ ମହାନ୍ତି, ସତ୍ୟଭାମା ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିକ୍ଷୋଭ ସ୍ଥଳରୁ ଏକ ପ୍ରତନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das